# କଟକ ମହାନଗର ନିଗମ ୩୭ତମ ସାଧାରଣ ବୈଠକ ବିବରଣୀ

**ତା. ୩୧.୧୦.୨୦୧୮ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୩୧.୧୦.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୩୭ତମ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ସୁଶ୍ରୀ ରଂଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୯. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୧୦. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୨. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୩. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୪. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୫. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୬. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୭. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୮. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୯. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୨୦. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୧. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୨. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |
| ୨୩. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୪. | ଶ୍ରୀଯୁକ୍ତ ସେକ୍ ସମିମ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ - ୨୩ |
| ୨୫. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୬. | ଶ୍ରୀଯୁକ୍ତା ପାରୁଲ ଜୟସାଲ | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୭. | ଶ୍ରୀଯୁକ୍ତା କାଂଚନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୮. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |

୨୯. ଶ୍ରୀଯୁକ୍ତା ବୈଶାଳୀ ବେହେରା — କର୍ପୋରେଟର, ୱାର୍ଡ଼ ନଂ. – ୨୮
୩୦. ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, — କର୍ପୋରେଟର, ୱାର୍ଡ଼ ନଂ. –୨୯
୩୧. ସୁଶ୍ରୀ ନମିତା ଦାସ, — କର୍ପୋରେଟର, ୱାର୍ଡ଼ ନଂ. – ୩୦
୩୨. ଶ୍ରୀଯୁକ୍ତ ବିଜୟ କୁମାର ସାହୁ — କର୍ପୋରେଟର, ୱାର୍ଡ଼ ନଂ. – ୩୧
୩୩. ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ — କର୍ପୋରେଟର, ୱାର୍ଡ଼ ନଂ. – ୩୨
୩୪. ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, — କର୍ପୋରେଟର, ୱାର୍ଡ଼ ନଂ. – ୩୩
୩୫. ଶ୍ରୀଯୁକ୍ତା ନମିତା ମଂଜରୀ ସାହୁ — କର୍ପୋରେଟର, ୱାର୍ଡ଼ ନଂ. – ୩୪
୩୬. ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ — କର୍ପୋରେଟର, ୱାର୍ଡ଼ ନଂ. – ୩୫
୩୭. ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର — କର୍ପୋରେଟର, ୱାର୍ଡ଼ ନଂ. – ୩୭
୩୮. ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , — କର୍ପୋରେଟର, ୱାର୍ଡ଼ ନଂ. – ୩୮
୩୯. ଶ୍ରୀଯୁକ୍ତା ସୁଲୋଚନା ସେଠୀ — କର୍ପୋରେଟର, ୱାର୍ଡ଼ ନଂ. – ୩୯
୪୦. ଶ୍ରୀଯୁକ୍ତ ଜୟଦେବ ଜେନା, — କର୍ପୋରେଟର, ୱାର୍ଡ଼ ନଂ. – ୪୦
୪୧. ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା — କର୍ପୋରେଟର, ୱାର୍ଡ଼ ନଂ. – ୪୧
୪୨. ଶ୍ରୀଯୁକ୍ତ ଚିରଂଜୟ ସାହୁ — କର୍ପୋରେଟର, ୱାର୍ଡ଼ ନଂ. – ୪୨
୪୩. ସୁଶ୍ରୀ ପ୍ରମିଳା ମହାନ୍ତି — କର୍ପୋରେଟର, ୱାର୍ଡ଼ ନଂ. – ୪୩
୪୪. ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ — କର୍ପୋରେଟର, ୱାର୍ଡ଼ ନଂ. – ୪୪
୪୫. ଶ୍ରୀଯୁକ୍ତା ପ୍ରଳୟା ବେଉରା, — କର୍ପୋରେଟର, ୱାର୍ଡ଼ ନଂ. – ୪୬
୪୬. ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, — କର୍ପୋରେଟର, ୱାର୍ଡ଼ ନଂ. – ୪୭
୪୭. ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା — କର୍ପୋରେଟର, ୱାର୍ଡ଼ ନଂ. – ୪୮
୪୮. ଶ୍ରୀଯୁକ୍ତ ଦୟାନିଧି ନାୟକ, — କର୍ପୋରେଟର, ୱାର୍ଡ଼ ନଂ. – ୪୯
୪୯. ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, — କର୍ପୋରେଟର, ୱାର୍ଡ଼ ନଂ. – ୫୦
୫୦. ଶ୍ରୀମତୀ ମମତା ବେହେରା — କର୍ପୋରେଟର, ୱାର୍ଡ଼ ନଂ. – ୫୧
୫୧. ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, — କର୍ପୋରେଟର, ୱାର୍ଡ଼ ନଂ. – ୫୨
୫୨. ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ — କର୍ପୋରେଟର, ୱାର୍ଡ଼ ନଂ. – ୫୩
୫୩. ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ — କର୍ପୋରେଟର, ୱାର୍ଡ଼ ନଂ. – ୫୪
୫୪. ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା — କର୍ପୋରେଟର, ୱାର୍ଡ଼ ନଂ. – ୫୫
୫୫. ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, — କର୍ପୋରେଟର, ୱାର୍ଡ଼ ନଂ. – ୫୬
୫୬. ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, — କର୍ପୋରେଟର, ୱାର୍ଡ଼ ନଂ. – ୫୭
୫୭. ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ — କର୍ପୋରେଟର, ୱାର୍ଡ଼ ନଂ. – ୫୮
୫୮. ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର — କର୍ପୋରେଟର, ୱାର୍ଡ଼ ନଂ. – ୫୯

## ଉପସ୍ଥିତ ପଦାଧିକାରୀ

୧. ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକ — ଆୟୁକ୍ତ
୨. ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାଏ — ଅତିରିକ୍ତ ଆୟୁକ୍ତ-୧
୩. ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ — ଉପ ଆୟୁକ୍ତ-୧

| | | |
|---|---|---|
| ୪. | ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ସେଠୀ | ଉପ ଆୟୁକ୍ତ-୨ |
| ୫. | ଶ୍ରୀଯୁକ୍ତ ବିଶ୍ୱନାଥ ଲେଙ୍କା | ପରିସଂଖ୍ୟାନ ଅଧିକାରୀ |
| ୬. | ଶ୍ରୀମତୀ ସରିତା ଧନଓ୍ୱାର | ଉପ ଆୟୁକ୍ତ-୨ |
| ୭. | ଶ୍ରୀମତୀ ନମିତା ବିଶ୍ୱାଳ | ସଚିବ |
| ୮. | ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ | ବିତ ଅଧିକାରୀ |
| ୯. | ଶ୍ରୀଯୁକ୍ତ ମନୀସ ସରକାର | ନିର୍ବାହୀ ଯନ୍ତ୍ରୀ-୧ |
| ୧୦. | ଶ୍ରୀଯୁକ୍ତ ଭାଗ୍ୟଧର ସାହୁ | ନିର୍ବାହୀ ଯନ୍ତ୍ରୀ-୨ |
| ୧୧. | ଶ୍ରୀଯୁକ୍ତ ଦିବ୍ୟ ରଂଜନ ତ୍ରିପାଠୀ | ଉପ ନିର୍ବାହୀ ଯନ୍ତ୍ରୀ |
| ୧୨. | ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ଉପ ନିର୍ବାହୀ ଯନ୍ତ୍ରୀ |
| ୧୩. | ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୪. | ଶ୍ରୀଯୁକ୍ତ ସୁଶାନ୍ତ କୁମାର ଭୂୟାଁ | ସହକାରୀ ଯନ୍ତ୍ରୀ |
| ୧୫. | ଶ୍ରୀଯୁକ୍ତ ସଂଜିବ କୁମାର ପ୍ରଧାନ | ସହକାରୀ ଯନ୍ତ୍ରୀ |
| ୧୬. | ଶ୍ରୀଯୁକ୍ତ ଆଦିତ୍ୟ ନାରାୟଣ ମିଶ୍ର | କନିଷ୍ଠ ଯନ୍ତ୍ରୀ |
| ୧୭. | ଶ୍ରୀଯୁକ୍ତ ବିପିନ ବିହାରୀ ପ୍ରଧାନ | କନିଷ୍ଠ ଯନ୍ତ୍ରୀ |
| ୧୮. | ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ସାହୁ | କନିଷ୍ଠ ଯନ୍ତ୍ରୀ |
| ୧୯. | ଶ୍ରୀମତୀ ଗୀତାରାଣୀ ସାହୁ | କନିଷ୍ଠ ଯନ୍ତ୍ରୀ |
| ୨୦. | ଶ୍ରୀଯୁକ୍ତ ଦିଲ୍ଲିପ କୁମାର ସାହୁ | କନିଷ୍ଠ ଯନ୍ତ୍ରୀ |
| ୨୧. | ଶ୍ରୀଯୁକ୍ତ ପ୍ରଭାସଚନ୍ଦ୍ର ବିଶ୍ୱାଳ | କନିଷ୍ଠ ଯନ୍ତ୍ରୀ |
| ୨୨. | ଶ୍ରୀଯୁକ୍ତ ଧିରେନ୍ଦ୍ର କୁମାର ପ୍ରଧାନ | କନିଷ୍ଠ ଯନ୍ତ୍ରୀ |
| ୨୩. | ଶ୍ରୀଯୁକ୍ତ ଲଳିତେନ୍ଦୁ ନାୟକ | କନିଷ୍ଠ ଯନ୍ତ୍ରୀ |
| ୨୪. | ଶ୍ରୀମତୀ ସାଗତିକା ମହାନ୍ତି | କନିଷ୍ଠ ଯନ୍ତ୍ରୀ |
| ୨୫. | ଶ୍ରୀଯୁକ୍ତ ସରୋଜ କୁମାର ବାରିକ | ପରିସଂଖ୍ୟାନ ସହାୟକ |
| ୨୬. | ଶ୍ରୀଯୁକ୍ତ ତ୍ରୈଲୋକ୍ୟ ସାହୁ | ପରିମଳ ନିରୀକ୍ଷକ |

ଏହି ବୈଠକରେ ଚୌଦ୍ୱାର କଟକ ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଏବଂ ମାନ୍ୟବର କ୍ରିଡ଼ା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ପତିନିଧି ଶ୍ରୀଯୁକ୍ତ ପ୍ରଦୀପ କୁମାର ବେହେରା ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ଭାରତରତ୍ନ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଗୁଜରାଟ ଠାରେ ୧୮୨ ମିଟର ଉଚ୍ଚ ଲୌହ ପ୍ରତିମୂର୍ତ୍ତି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକି ଅବସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, କମିଶନର, ସମସ୍ତ କର୍ପୋରେଟର, ନିଗମର ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ ।

ନିଗମ ଦ୍ୱାରା ସହରର ବିଭିନ୍ନ ଅଂଚଳରେ ଜଳଛତ୍ର କେନ୍ଦ୍ରରେ ପ୍ରଦାନ କରାଯାଉଥିବା ପାନୀୟ ଜଳ ସମ୍ବର୍ନ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ବରିଷ୍ଠ

ଆଇନଜୀବୀ ତଥା ମୈତ୍ରୀ ସଂସଦର ସଭାପତି ଶ୍ରୀଯୁକ୍ତ ଅଜୟ ମହାନ୍ତିଙ୍କ ଦ୍ୱାରା ଦାୟର କରାଯାଇଥିଲା । ମାନ୍ୟବର କୋର୍ଟ ଏହାକୁ ଶୁଣାଣି କରିବା ସହିତ ବରିଷ୍ଠ ଆଇନଜୀବୀ ତଥା ମୈତ୍ରୀ ସଂସଦର ସଭାପତି ଶ୍ରୀଯୁକ୍ତ ଅଜୟ ମହାନ୍ତିଙ୍କୁ ଜଳଛତ୍ର ସମ୍ବନ୍ଧରେ ନିଗମର ସାଧାରଣ ଅଧିବେଶନରେ ନିଜର ମତାମତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗତ ୨୮.୦୯.୨୦୧୮ରିଖ ପରିଷଦ ବୈଠକରେ ଶ୍ରୀ ମହାନ୍ତି କଟକ ସହର ମଧ୍ୟରେ ଗ୍ରୀଷ୍ମ ପ୍ରବାହରେ ନିଗମ ଦ୍ୱାରା ବିଭିନ୍ନ ଜଳଛତ୍ର କେନ୍ଦ୍ର ଗୁଡ଼ିକରେ ପ୍ରଦାନ କରାଯାଉଥିବା ପାନୀୟ ଜଳ ସମ୍ବନ୍ଧରେ ପ୍ରତିକ୍ରିୟା ପ୍ରକାଶ କରି ତାହାର ଏକ ଟିପ୍ପଣୀ ଲିଖିତ ଭାବେ ଦେଇଥିଲେ । ଆଜିର ବୈଠକରେ ଶ୍ରୀ ମହାନ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଲିଖିତ ଟିପ୍ପଣି ବା ଉପଦେଶକୁ ଗୃହରେ ପାଠ କରାଯାଇଥିଲା । ସହରରେ ଜନସାଧାରଣ କିଭଳି ଶୁଦ୍ଧ ପାନୀଳ ଜଳ ପାଇପାରିବେ ଏବଂ କେଉଁ ପାତ୍ରରେ ପ୍ରଦାନ କରାଗଲେ ଜୀବାଣୁ ନାଶକ ଏବଂ ସ୍ୱାସ୍ଥ୍ୟପ୍ରଦ ହୋଇ ପାରିବ ସେ ଦିଗରେ ଗୃହର ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ପତ୍ର ପ୍ରଦାନ କରିଅଛନ୍ତି ତାହା ଗୃହରେ ପାଠ କରାଯାଇଥିଲା ଯାହାକି ପରବର୍ତ୍ତି ସମୟରେ ନିଷ୍ପତି ଗ୍ରହଣ କରାଯିବ ବୋଲି ମେୟର ଅବଗତ କରିଥିଲେ ।

ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯିବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

**<u>ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୫୨ :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଶ୍ରୀ ମହାନ୍ତି ଯେଉଁ ଟିପ୍ପଣି ପ୍ରଦାନ କରିଛନ୍ତି ଗୃହରେ ସମସ୍ତଙ୍କୁ ପ୍ରଦାନ କରାଯାଉ । ଜଣେ ବ୍ୟକ୍ତିଗତ ଭାବେ ଲିଖିତ ଆକାରରେ ପ୍ରଦାନ କରି ଥିବାରୁ ତାହାକୁ ଅନୁଧ୍ୟାନ କରାଯାଇ ସ୍ୱାସ୍ଥ୍ୟ କମିଟି ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇ ତଥ୍ୟ ଉପସ୍ଥାପନ କରାଯାଇ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ଚଳିତ ପରିଷଦର ଅବଧି ଶେଷ ହେବାକୁ ଥିବା ବେଳେ ୫୯ ଜଣ କର୍ପୋରେଟର ମାନଙ୍କର ସମୁହ ଫଟୋ ଉଠାଯିବା ନିମନ୍ତେ ବାରମ୍ବାର ଦାବି ଉପସ୍ଥାପନା କରିଆସୁଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିଲାନାହିଁ । ଏହା ଠାରୁ ବଡ଼ ନିନ୍ଦନୀୟ କଥା କଣ ହୋଇପାରେ । ତେଣୁ ଆଜିର ବୈଠକରେ ଏକ ଗ୍ରୁପ ଫଟୋ ଉଠାଯିବାର ବ୍ୟବସ୍ଥା କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ନିଗମର ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ଏବଂ ପରିଷଦ ବୈଠକରେ ପ୍ରସ୍ତାବ ପାରିତ ହୋଇ କୌଣସି କାର୍ଯ୍ୟକାରୀ ହୋଇପାରୁନାହିଁ ଯାହାକି କେବଳ ବିବରଣୀ ମଧ୍ୟରେ ରହିଯାଉଛି । ଯଦି ପରିଷଦ ବୈଠକ ପରେ ଆୟୁକ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଡ଼ାକି ସମିକ୍ଷା କରନ୍ତେ ତେବେ ସମସ୍ତ ସମସ୍ୟା ଗୁଡ଼ିକ ଦୁର ହୋଇପାରନ୍ତା ବୋଲି ମତବ୍ୟକ୍ତ କରିଥିଲେ ।
- ❖ ମାନ୍ୟବର ସାଂସଦ ଏବଂ ବିଧାୟକ ମାନଙ୍କର କାର୍ଯ୍ୟକାଳ ସରିବା ପରେ ଯେଉଁଭଳି ସେମାନଙ୍କୁ ପେନସନ ପ୍ରଦାନ କରାଯାଉଅଛି, ଆମ୍ଭେମାନେ କ'ଣ ସାଂସଦ ବିଧାୟକମାନଙ୍କ ଭଳି ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ନିହେଁ କି ? ତେଣୁ ଏ ବାବଦରେ ପ୍ରତ୍ୟେକ ପରିଷଦ

ବୈଠକରେ ପ୍ରସ୍ତାବ ଦେଲେ ମଧ୍ଯ କୌଣସି କାର୍ଯ୍ୟକାରୀ କରାଯାଉନାହିଁ । ତେଣୁ ଦଳମତ ନିର୍ବିଶେଷରେ ସମସ୍ତ ସଦସ୍ୟ/ସଦସ୍ୟା ମାନେ ନିଗମ ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ମେୟରଙ୍କ ଅଧକ୍ଷତାରେ ପେନସନ ସମ୍ବନ୍ଧୀୟ ଏକ ଦାବି ପତ୍ର ପ୍ରଦାନ କରାଯିବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ପ୍ରତ୍ୟେକ ବର୍ଷ ଡ୍ରେନରୁ ପଙ୍କୋଉଦ୍ଧାର କାର୍ଯ୍ୟ ବହୁ ବିଳମ୍ବରେ କରାଯାଇଥିବାରୁ, ଚଳିତ ବର୍ଷ ନଭେମ୍ବର ମାସ ଠାରୁ ପଙ୍କୋଉଦ୍ଧାର କାର୍ଯ୍ୟ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସହରରେ ବୁଲା କୁକୁରଙ୍କ ସଂଖ୍ୟା ବହୁ ପରିମାଣରେ ବଢିଯାଇଥିବାରୁ ଯାତାୟତ କରିବା ବହୁ ବିପଦ ପୂର୍ଣ୍ଣ ହୋଇଗଲାଣି । କୁକୁର ବନ୍ଧ୍ୟାକରଣ ନିମନ୍ତେ ଡ଼ାକ୍ତର ନିଯୁକ୍ତ କରାଯାଇଥିଲେ ମଧ୍ଯ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ମାନ୍ୟବର ମେୟରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । କୁକୁର ବନ୍ଧ୍ୟାକରଣ, ସହିତ ସେମାନଙ୍କର ଖାଦ୍ୟ ଏବଂ Vaccination ବାବଦରେ କେତେ ଟଙ୍କା ଖର୍ଚ୍ଚ କରାଯାଉଛି ତାହାର ସମସ୍ତ ତଥ୍ୟ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ଦାବି ଉପସ୍ଥାପନା କରିଥିଲେ ।

❖ ନିଗମ ଅଂଚଳରେ ଜାତୀୟ ରାଜପଥ କଡ଼ରେ ଥିବା ଓ୍ୱାର୍ଡ଼ ଗୁଡ଼ିକରୁ ଜଳ ନିଷ୍କାସନର ସୁଧାର ଆଣିବା ନିମନ୍ତେ ବାରମ୍ବାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ବୈଠକକୁ ଡ଼କାଯିବା ନିମନ୍ତେ ପତ୍ରାଳାପ କରାଯାଉଥିଲେ ମଧ୍ଯ ପରିଷଦ ବୈଠକକୁ ବେଖାତିର କରି ଯୋଗନଦେବା ଏବଂ ଦଶହରା ଉପଲକ୍ଷେ ସମସ୍ତ ବିଭାଗର ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ ମଧ୍ଯ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବୈଠକରେ ଯୋଗ ନଦେବା ତଥା ଆୟୁକ୍ତଙ୍କୁ ଅବମାନନା କରିବା କାରଣରୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ଆଗତ କରାଯିବା ଆବଶ୍ୟକ । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଏପରି ବେପରୁଆ ମନୋଭାବ ପାଇଁ ସଦସ୍ୟା ଶ୍ରୀଯୁକ୍ତା ରାଜ କୁମାରୀ ସ୍ୱାଇଁ ସଦର ଥାନାରେ ଏତଲା ଦେଇଥିବାରୁ ଶ୍ରୀଯୁକ୍ତା ସ୍ୱାଇଁଙ୍କୁ ଧନ୍ୟବାଦ ଦେଇଥିଲେ । ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପୁର୍ନବାର ଡ଼କାଯାଇ ଏକ ସ୍ୱତନ୍ତ୍ର ବୈଠକେ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ବିକାଶ ରଂଜନ ବେହେରା, ଅଧକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଦୂର୍ଗାପୁଜାକୁ ଦୃଷ୍ଟରେ ରଖାଯାଇ ନିଗମ ଅଂଚଳରେ ରାସ୍ତାଘାଟ ମରାମତି ସହିତ ପରିମଳ ଉପରେ ଧ୍ୟାନ ଦିଆଯିବା ନିମନ୍ତେ ପ୍ରସ୍ତାବ ପାରିତ ହେବା ସତ୍ୱେ ମୁଖ୍ୟ ସମସ୍ୟା ଏଲ୍ଇଡ଼ି ଲାଗିବା ସହିତ ମରାମତି କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା ୫୯ ଗୋଟି ଓ୍ୱାର୍ଡ଼ ଅନ୍ଧାରରେ ରହିଲା ଏବଂ ଲାଇଟ ମରାମତି ହୋଇପାରିଲା ନାହିଁ । ଏଥିପାଇଁ କିଏ ଦାୟୀ ରହିବେ ବୋଲି ପ୍ରଶ୍ନ କରିଥିଲେ । କେଉଁ କାରଣରୁ ନିଭ ଏନର୍ଜି ଲାଇଟ ଯୋଗାଇଲା ନାହିଁ ତାହାର ଉତର ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ ଏଲ୍‌ଇଡ଼ି ଲଗାଯିବା ପୁର୍ବରୁ ପ୍ରଥମେ ସର୍ଭେ କରାଯିବା ପରେ ଫିଡ଼ର ଚେକ କରାଯାଇ ଲାଇଟ ଲଗାଯିବା କଥା କିନ୍ତୁ ତାହା କରାଗଲା ନାହିଁ ଯାହା ଫଳରେ ଲଗାଯାଇଥିବା ଲାଇଟ ଗୁଡ଼ିକ ଜଳୁନାହିଁ । ସରକାରଙ୍କ ନିୟମାବଳି ଅନୁଯାୟୀ କାର୍ଯ୍ୟକାରୀ କରାଯାଉନାହିଁ । ଲାଇଟ ଲଗାଯିବା ପୁର୍ବରୁ ବିଷେଶଜ୍ଞଙ୍କ ମତ ନିଆଗଲା ନାହିଁ କିମ୍ବା ନିଗମର ଯନ୍ତ୍ରୀ ମାନଙ୍କ ସହଯୋଗ ନିଆଗଲା ନାହିଁ ଯାହାଫଳରେ ଏଭଳି ପରିସ୍ଥିତି ହେଲା, ଯଦି ନିଗମର ଯନ୍ତ୍ରୀ ମାନଙ୍କ ସହଯୋଗ ନିଆଯାଇଥାନ୍ତା ତେବେ ଏଭଳି ପରିସ୍ଥିତି ଉପୁଯିନଥାନ୍ତା ବୋଲି ମତବ୍ୟକ୍ତ କରିଥିଲେ । ତେଣୁ ଆସନ୍ତା କାଳୀପୂଜାକୁ ଦୃଷ୍ଟିରେ ରଖାଯାଇ ନିଗମର ସମସ୍ତ ଅଂଚଳରେ ଏଲ୍‌ଇଡ଼ି ଗୁଡ଼ିକ ଯଦି ସଜଡ଼ା ନଯାଏ ତେବେ ପରିସ୍ଥିତି ଭୟାଭୟ ହେବ । ଏଥିପାଇଁ ଆୟୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୫୦ ଲକ୍ଷ ଅନୁଦାନ ମଧ୍ୟରେ କେଉଁ ୱାର୍ଡ଼ରେ କେତେ କାର୍ଯ୍ୟ ହୋଇଛି ଏବଂ କେତେ ବକେୟା କାର୍ଯ୍ୟ ରହିଛି ଏବଂ କେଉଁ କାରଣ ପାଇଁ କାର୍ଯ୍ୟ ବିଳମ୍ବ ହେଉଛି, ସେ ଗୁଡ଼ିକୁ ମାନ୍ୟବର ମେୟର ଏବଂ ଆୟୁକ୍ତ ତର୍ଜମା କରି ତୁରନ୍ତ ସମ୍ପୃକ୍ତ କାର୍ଯ୍ୟ ଗୁଡ଼ିକ ଶେଷ କରାଯିବା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ଡ୍ରେନରୁ ପଙ୍କଉଦ୍ଧାର କାର୍ଯ୍ୟ ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ ପ୍ରଦାନ କରିଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଇ ନଭେମ୍ବର ମାସରୁ ପଙ୍କୋଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇ ମାର୍ଚ୍ଚ ମାସ ସୁଦ୍ଧା ପଙ୍କଉଦ୍ଧାର କାର୍ଯ୍ୟ ଶେଷ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯାହା ଯାହା ବିଭ୍ରାଟ ହୋଇଛି ତାହାର ସମାଧାନ ନିମନ୍ତେ ସମସ୍ତ କର୍ପୋରେଟର ଏବଂ ଯୋଗାଣ ଅଧିକାରୀଙ୍କୁ ଡ଼କାଯାଇ ଏକ ସ୍ୱତନ୍ତ୍ର ବୈଠକ କରାଯିବା ସହ ସମସ୍ୟାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଆବେଦନ କରିଥିବା ହିତାଧିକାରିମାନେ କେଉଁ କାରଣରୁ ବାଦ୍ ପଡ଼ିଲେ ତାହାର ତଥ୍ୟ ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡରକୁ ରାଜ୍ୟ ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପଠାଯାଇଥିବାରୁ ରାଜ୍ୟ ସରକାର ତାହାକୁ ରଦ୍ଧ କରିଦେଇଥିବା ଦୃଷ୍ଟିରୁ ଏହାକୁ ୬ ଗୋଟି ଜୋନରେ ବିଭକ୍ତ କରି କାର୍ଯ୍ୟାଦେଶ ପ୍ରଦାନ କରିବେ ବୋଲି ଶୁଣାଯାଉଛି ଏବଂ ଉକ୍ତ ଟେଣ୍ଡରେ ରେଟିଂ କିଏ କରିବ ଏବଂ ତାହା କେତେ ଦୁର ଠିକ୍ ରହିବ ଗୃହରେ ଅବଗତ କରାଯାଉ । ବର୍ଯ୍ୟବସ୍ତୁ ପରିଚାଳନା କମିଟି ଯେଉଁ ବେପରୁଆ ମନୋଭାବ ନେଇ ଟେଣ୍ଡର ଆହ୍ୱାନ କରିଥିଲେ । ଉକ୍ତ କମିଟିକୁ ଭଙ୍ଗାଯାଇ ନୂତନ କମିଟି ଗଠନ କରାଯାଉ ଏବଂ ସରକାର କେଉଁ କାରଣ ପାଇଁ ଟେଣ୍ଡରକୁ ରଦ୍ଦ କରିଛନ୍ତି ତାହାର ସମସ୍ତ ତଥ୍ୟ କର୍ପୋରେଟରମାନଙ୍କୁ ପ୍ରଦାନ କରଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସହରରେ ମଶାଙ୍କ ପ୍ରାର୍ଦୁଭାବ ବଢିଯାଇଥିବା ବେଳେ ନିଗମରେ କେତେ ମଶା ତେଲ ଗଛିତ ଅଛି । ମଶା ତେଲ ଯଦି ଗଛିତ ନାହିଁ ତେବେ ରାଜ୍ୟ ସରକାରଙ୍କୁ ପତ୍ରାଳାପ କରାଯାଇ ମଶାତେଲ ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଭତା ପ୍ରଦାନ କ୍ଷେତ୍ରରେ ଯେଉଁ ହିତାଧିକାରୀମାନେ ବ୍ୟାଙ୍କ ମାଧ୍ୟମରେ ଭତା ପାଇବା ନିମନ୍ତେ ଇଚ୍ଛୁକ ସେମାନଙ୍କୁ ବ୍ୟାଙ୍କ ଜରୀଆରେ ଭତା ପ୍ରଦାନ କରାଯାଉ ଏବଂ ଯେଉଁମାନେ ବ୍ୟାଙ୍କରେ ଖାତା ଖୋଲିପାରିନାହାଁନ୍ତି ବା ଯିବା ଆସିବ କରିବାକୁ ଅକ୍ଷମ ସେମାନଙ୍କୁ ଭତା କେନ୍ଦ୍ରରେ ଭତା ପ୍ରଦାନର ବ୍ୟବସ୍ଥା କରାଯିବା ନିମନ୍ତେ କାଏମ ରଖାଯାଉ ଏତଦ୍‌ବ୍ୟତୀତ ନୂତନ ଭାବେ

ଆବେଦନ କରିଥିବା ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇ ଭତା ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ରଂଜିତା ବିଶ୍ୱାଳ, କର୍ପୋରେଟର, ୱାର୍ଡ ନଂ-୦୭ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଗତ ସ୍ୱତନ୍ତ୍ର ବୈଠକରେ ଦଶହରା ନିମନ୍ତେ ଯେଉଁ ନିଷ୍ପତି ଗ୍ରହଣ କରାଗଲା ତାହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଗଲା ନାହିଁ । ଏଲ୍‌ଇଡ଼ି ମରାମତି କାର୍ଯ୍ୟ କରାନଯିବା ଫଳରେ ଦଶହରାରେ ୱାର୍ଡ଼ ଗୁଡ଼ିକ ଅନ୍ଧାରରେ ରହିଲା । ବୈଠକରେ ନିର୍ଦ୍ଦେଶ ଦିଆଗଲା କି ୧୦ ତାରିଖ ମଧ୍ୟରେ କାର୍ଯ୍ୟ ନସରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତେବେ କାର୍ଯ୍ୟ କରାଯାଇନଥିବା କାରଣରୁ କେତେ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏହାର ଜବାବ ରଖାଯାଉ ବୋଲି ଦାବି କରିଥିଲେ ।

❖ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସଠିକ ଭାବେ ଯାଂଚ କରାଯାଇନାହିଁ । ବହୁ ଯୋଗ୍ୟ ହିତାଧିକାରୀ ମାନେ ବାଦ୍ ପଡ଼ିଛନ୍ତି । ଯେଉଁ ମାନେ ଯାଂଚ କରିବାକୁ ଯାଇଥିଲେ ସେମାନେ ଟେଲିଫୋନ କରି ପଚାରିବା ଏବଂ ଘରକୁ ନପାଇ ଏହି ଯୋଜନାରେ ହିତାଧିକାରିମାନଙ୍କୁ ବାଦ୍ ଦେଇଛନ୍ତି । ଏ ବିଷୟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଯୋଗାଣ ବିଭାଗ ଅଧିକାରୀ ଆସିଲେ ନାହିଁ କିମ୍ବା ଫୋନ ରିସିଭ୍ କଲେନାହିଁ । କେଉଁ କାରଣରୁ ଯୋଗ୍ୟ ହିତାଧିକାରୀ ମାନେ ବାଦ୍ ପଡ଼ିଛନ୍ତ ତାହାର ତଥ୍ୟ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବା ସହିତ ଏ ବାବଦରେ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ଯୋଗାଣ ଅଧିକାରୀ ଏବଂ ଦାୟୀତ୍ୱରେ ଥିବା କର୍ମଚାରୀମାନଙ୍କୁ ଡ଼କାଯାଇ ସମସ୍ୟାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପ୍ରତ୍ୟେକ ମାସ ୧୫ ତାରିଖରେ ନିଗମର ପ୍ରତ୍ୟେକ ୱାର୍ଡ଼ରେ ଭତା ପ୍ରଦାନ କରାଯାଉଥିଲା କିନ୍ତୁ ଗତ ମାସରେ ଭତା କେନ୍ଦ୍ରରେ ସୂଚନା ପ୍ରଦାନ କରାଗଲା କି ଭତା କାର୍ଡ଼ ଏବଂ ବ୍ୟାଙ୍କ ପାସ୍‌ବୁକ୍‌ର ଜେରକ୍ସ ଦେଲେ ନଭେମ୍ବର ମାସରୁ ବ୍ୟାଙ୍କ ମାଧ୍ୟମରେ ଭତା ପ୍ରଦାନ କରାଯିବ, କିନ୍ତୁ ଅନେକହିତାଧିକାରୀ ମାନଙ୍କର ବ୍ୟାଙ୍କରେ ଖାତା ନାହିଁ କି ସେମାନେ ବ୍ୟାଙ୍କ ଯାଇ ଖାତା ଖୋଲିପାରିବେ ନାହିଁ । ଯେଉଁମାନେ ବିଛଣାରେ ପଡ଼ିରହିଛନ୍ତି ଏବଂ ଆଧାର କାର୍ଡ଼ ଉଠାଇବା ପାଇଁ ଅକ୍ଷମ ସେମାନେ କିଭଳି ବ୍ୟାଙ୍କ ଯାଇ ଖାତା ଖୋଲପାରିବେ । ତେଣୁ ଇଛୁକ ଥିବା ହିତାଧିକାରି ମାନଙ୍କୁ ବ୍ୟାଙ୍କ ମାଧ୍ୟମରେ ଭତା ଦିଆଯାଉ ଏବଂ ଅନ୍ୟାମାନଙ୍କୁ ଭତା କେନ୍ଦ୍ରରେ ଭତା ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଗତବର୍ଷ ଭଳି ଚଳିତବର୍ଷ ବାଣ ଦୋକାନ ଖୋଲିବା ପାଇଁ ନିଗମରୁ ଟ୍ରେଡ଼ ଲାଇସେନ୍ସ ପ୍ରାପ୍ତ ହୋଇଛନ୍ତି ଏବଂ ନିଗମକୁ ଟିକସ ପ୍ରଦାନ କରୁଛନ୍ତି ତେଣୁ ସେମାନେ ଦୋକାନ ଖୋଲିବା ସ୍ଥାନକୁ ଜେସିବି ଲଗାଇ ସଫା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ଗତ ବାତ୍ୟା ତିତିଲି ପ୍ରଭାବରେ ୱାର୍ଡ଼ରେ ଅଣ୍ଟାଏ ଲେଖାଏଁ ପାଣି ଜମିଲା, ଦେଉଳସାହି ଠାରେ ପମ୍ପସେଟ ଯୋଗାଇ ଦିଆଗଲା ନାହିଁ । ଦାୟୀତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଫୋନ ବନ୍ଦ କରି ନିରବରେ ରହିଲେ । ପାଣି ଘେରରେ ରହି ଲୋକମାନେ ଆମ୍ଭ ମାନଙ୍କୁ ଗାଳିଦେଲେ । ଦାୟୀତ୍ୱରେ ଥିବା ଅଧିକାରୀ ଶ୍ରବଣ ମହାନ୍ତିଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ତାଙ୍କୁ ଏହି କାର୍ଯ୍ୟରୁ ବହିଷ୍କାର କରାଯାଉ । ଯାହାର କାର୍ଯ୍ୟ କରିବାର ଇଛା ନାହିଁ, ସେମାନଙ୍କୁ ବିଦା କରାଯାଇ ନୂତନ ଯନ୍ତ୍ରୀ ଅଣାଯିବାକୁ ଦାବି ଉପସ୍ଥାପନା ଦେଇଥିଲେ ।

**ଶ୍ରୀଯୁକ୍ତ ରମଜାନ ଖାନ, କର୍ପୋରେଟର, ୱାର୍ଡ଼ ନଂ-୧୬ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଏଲ୍‌ଇଡ଼ି ମରାମତି କାର୍ଯ୍ୟ କରାନଯିବା ଫଳରେ ଦଶହରାରେ ୱାର୍ଡ଼ ଅନ୍ଧାରରେ ରହିଲା ଯାହା ଫଳରେ ଲୋକମାନଙ୍କ ପ୍ରଶ୍ନ ବାଣରେ ଆମ୍ଭେମାନେ ବ୍ୟତି ବ୍ୟସ୍ତ ହୋଇ ଗଲୁଣି । ଯେଉଁ କମ୍ପାନି ଦାୟୀତ୍ୱ ନେଇଛି ଏଭଳି ବେପରୁଆ ମନୋଭାବ ନେଇ କାହିଁକି କାର୍ଯ୍ୟ କରୁଛି । ଏଲ୍‌ଇଡ଼ିର ରକ୍ଷଣାବେକ୍ଷଣ ନିମନ୍ତେ ଥିବା ୫ ଗୋଟି ଟିମ୍ କୁଆଡ଼େ ଗଲା । ତେଣୁ ଆସନ୍ତା କାଳୀପୂଜା ପୂର୍ବରୁ ଏଲ୍‌ଇଡ଼ି ଲାଇଟ ଗୁଡ଼ିକ ମରାମତି କରାଯିବା ନିମନ୍ତେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ । ୧୦୦ ଗୋଟି ଏଲ୍‌ଇଡ଼ି ମଧ୍ୟରୁ ୩୦ ରୁ ୪୦ ଏଲ୍‌ଇଡ଼ି ଜଳୁନାହିଁ ଏବଂ ୨୫ ୱାଟକୁ ବନ୍ଦ କରି ୬୦/୯୦ ୱାଟ ଏଲ୍‌ଇଡ଼ି ଲଗାଇବା ପାଇଁ ପୂର୍ବ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ୨୫ ୱାଟ ଏଲ୍‌ଇଡ଼ି ଲାଗିଛି । ଯାହାଦ୍ୱାରା ରାସ୍ତାରେ ବାଟ ଦେଖାଯାଉନାହିଁ । ତେଣୁ ନିଭ ଏନର୍ଜି ସଂସ୍ଥା ସହିତ ବୈଠକ କରାଯାଇ ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଜଣେ ହେଲେ ଗରିବ ଲୋକ ଏହି ଯୋଜନାରୁ ବାଦ୍ ପଡ଼ିବେନାହିଁ ବୋଲି ଘୋଷଣା କରିଥିବା ବେଳେ ଦାୟୀତ୍ୱରେ ଥିବା ଯୋଗାଣ ବିଭାଗ ଓ କମ୍ୟୁନିଟି ଅର୍ଗାନାଇଜରମାନେ ସଠିକ୍ ଭାବେ ଯାଂଚ କରିନାହାଁନ୍ତି । ଯାଂଚ ସମୟରେ କର୍ପୋରେଟରମାନଙ୍କର ସହଯୋଗ ନେଲେନାହିଁ । ଏଭଳି ଖାମଖିଆଲ ମନୋଭାବ ପାଇଁ ଆମ୍ଭେମାନେ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଅଛୁ । ତେଣୁ ଯେଉଁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଛନ୍ତି । ପୁର୍ନବାର ଯାଂଚ କରାଯାଇ କାର୍ଡ଼ ପ୍ରଦାନ କରାଯିବା ସହିତ ଅଜ୍ଞାତ ବଶତଃ ଆବେଦନ କରିପାରିନଥିବା ହିତାଧିକାରୀମାନଙ୍କୁ ଆବେଦନ କରିବାର ସୁଯୋଗ ଦେବାକୁ ଦାବି ଉପସ୍ଥାପନା କରିଥିଲେ ।
- ଗଡ଼ଖାଇ ମନ୍ଦିରର ଜଳ ନିଷ୍କାସନ ହୋଇପାରୁନାହିଁ ଏବଂ ଅଧିକ ବର୍ଷା ହେଲେ ମନ୍ଦିର ମଧ୍ୟରେ ୨/୩ ଫୁଟ ପାଣି ଜମି ରହୁଛି । ତେଣୁ ମାନ୍ୟବର ବିଧାୟକଙ୍କ ପାଣ୍ଠିରୁ ଯନ୍ତ୍ରୀ ବିଭାଗ ଦ୍ୱାରା ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରାଯାଇ ଡ୍ରେନ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଗଡ଼ଖାଇ ମନ୍ଦିର ନିକଟ ଚମ୍ପାବନର ଉଭୟ ପାର୍ଶ୍ୱରେ ପୂର୍ବରୁ ଲଗାଯାଇଥିବା ତାର ଜାଲି ଗୁଡ଼ିକ ନଷ୍ଟ ହୋଇଯାଇଥିବାରୁ, ପୁର୍ନବାର ତାହାକୁ ଅନୁଧ୍ୟାନ କରାଯାଇ ତାର ଜାଲି ଲଗାଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି କିମ୍ବା ପରିଷଦ ବୈଠକରେ ଯାହା ଯାହା ପ୍ରସ୍ତାବ ଆଗତ ହେଉଅଛି ସେ ଗୁଡ଼ିକ କାର୍ଯ୍ୟକାରୀ କରାଯାଉନାହିଁ । ତେଣୁ ପ୍ରତ୍ୟେକ ମାସରେ ବୈଠକ କରିବାର କୌଣସି ଆବଶ୍ୟକତା ନାହିଁ ବୋଲି କ୍ଷୋଭର ସହ କହିଥିଲେ । ଏଣୁ ପାରିତ ହେଉଥିବା ପ୍ରସ୍ତାବ ଗୁଡ଼ିକ ଆୟୁକ୍ତ ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ତର୍ଜମା କରାଯାଇ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ଗତବର୍ଷ ଦଶହରାରେ ଠିକାଦାରମାନେ କାର୍ଯ୍ୟକରି ଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କର ବିଲ୍ ପରିଶୋଧ କରାଯାଇନାହିଁ । ଅଡ଼ିଟରଙ୍କ ପାଖରେ ଫାଇଲ ଗୁଡ଼ିକ ବର୍ଷ ବର୍ଷ ଧରି ପଡ଼ିରହୁଛି ଏବଂ ଅଡ଼ିଟରଙ୍କ ପାଖରେ କର୍ମଚାରୀ ଅଭାବ ପରୀଲକ୍ଷିତ ହେଉଥିବା ଆଧାରରେ ଅଡ଼ିଟରଙ୍କ ପାଇଁ ଅତିରିକ୍ତ କର୍ମଚାରୀ ଯୋଗାଇଦେବା ସହିତ ବକେୟା ଥିବା ବିଲ୍ ଗୁଡ଼ିକ ତୁରନ୍ତ ପରିଶୋଧ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ପୂର୍ବରୁ ୱାର୍ଡ଼ ୱାରୀ ପ୍ରଦାନ କରାଯାଇଥିବା ୫୦ ଲକ୍ଷ ଅନୁଦାନ ଏବଂ ଦଶହରା ନିମନ୍ତେ ୧୦ ଲକ୍ଷ ପ୍ୟାକେଜ ମଧ୍ୟରେ କରାଯିବାକୁ ଥିବା କାର୍ଯ୍ୟ ଗୁଡ଼ିକୁ ଯଥାଶିଘ୍ର ଶେଷ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, ଅଧ୍ୟକ୍ଷ, ପ୍ଲାନିଂ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁ ଯେଉଁ ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିଥିଲେ ସେଥିମଧ୍ୟରୁ ସଠିକ୍ ମାର୍ଗରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇନାହିଁ । ତେଣୁ ପୁର୍ନବାର ଯାଂଚ କରାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଏତଦ୍‌ବ୍ୟତୀୟ ଯେଉଁମାନଙ୍କୁ ରାସନ କାର୍ଡ଼ ପ୍ରଦାନ କରାଯାଇଛି, ସେମାନଙ୍କର ପସନ୍ଦ ତଥା ପାଖ ଡ଼ିଲର ବଦଳରେ ୪/୫ କି.ମି. ଦୁରରେ ଡ଼ିଲରଙ୍କ ଠାରୁ ସାମଗ୍ରୀ ଆଣିବା ପାଇଁ ନିର୍ଦ୍ଦେଶ ଅଛି ଏବଂ ବାପା ମାଙ୍କର କାର୍ଡ଼ରେ ନାମ ଅର୍ନ୍ତଭୂକ୍ତ କରାଯାଇଥିବା ବେଳେ ପିଲାମାନଙ୍କର ନାମ ନାହିଁ, ଏଭଳି ବିଭ୍ରାଟ କିଭଳି କରାଗଲା । ତେଣୁ ଅଯଥାରେ ଲୋକମାନଙ୍କୁ ହଇରାଣ କରାନଯାଇ କିଭଳି ନିର୍ଭୂଲ ଭାବେ କାର୍ଡ଼ ପ୍ରଦାନ କରାଯାଇପାରିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ରଂଜନ କୁମାର ବିଶ୍ୱାଳ, ଅଧ୍ୟକ୍ଷ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବହୁ ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିଥିଲେ କିନ୍ତୁ ସଠିକ୍ ମାର୍ଗରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇନାହିଁ । ଏହା ଏକ ଗୁରୁତ୍ୱପୁର୍ଣ୍ଣ ସମସ୍ୟା ହୋଇଥିବାରୁ ଆୟୁକ୍ତଙ୍କ ନେତୃତ୍ୱରେ ଯୋଗାଣ ବିଭାଗ ଅଧିକାରୀ, ବସ୍ତି ଉନ୍ନୟନ ଅଧିକାରୀ, କମ୍ୟୁନିଟି ଅର୍ଗାନାଇଜରମାନଙ୍କ ସହିତ ଏକ ମିଳିତ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବା ନିମନ୍ତେ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ ।

❖ ୫୦ ଲକ୍ଷ ଅନୁଦାନ ମଧ୍ୟରେ କେଉଁ ୱାର୍ଡ଼ରେ କେତେ କାର୍ଯ୍ୟ ହୋଇଛି ଏବଂ କେତେ ବକେୟା କାର୍ଯ୍ୟ ହୋଇପାରିନାହିଁ ତଥ୍ୟ କେଉଁ କାରଣ ପାଇଁ କାର୍ଯ୍ୟ ବିଳମ୍ବ ହେଉଛି, ସେହି କାର୍ଯ୍ୟ ଗୁ-ଡ଼ିକର Status Report ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବା ସହିତ ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କ ଦ୍ୱାରା ତର୍ଜମା କରାଯାଇ ତୁରନ୍ତ କାର୍ଯ୍ୟ ଶେଷ କରାଯିବା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ଏଲ୍‌ଇଡ଼ି ଯୋଜନାରେ ଯାହା ଯାହା ସମସ୍ୟା ଅଛି ପ୍ରଥମେ ଲାଇଟ ଗୁଡ଼ିକ ମରାମତି କରାଯାଉ ଏବଂ ପରବର୍ତି ସମୟରେ ନୂଆ ଏଲ୍‌ଇଡ଼ି ଲାଇଟ ଲଗାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ପଙ୍କଉଦ୍ଧାର କାର୍ଯ୍ୟ ମାର୍ଚ୍ଚ / ଏପ୍ରିଲ ମାସରୁ ଆରମ୍ଭ କରାଯାଉଥିବା ଏବଂ ପରବର୍ତି ସମୟରେ ବର୍ଷାଦିନ ଆସୁଥିବାରୁ ଏହା ସଠିକ ଭାବେ ହୋଇପାରୁନାହିଁ ତେଣୁ ନଭେମ୍ବର ମାସରୁ ପଙ୍କଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇ ମାର୍ଚ୍ଚ ମାସ ସୁଦ୍ଧା ଶେଷ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରାଯିବା ନିମନ୍ତେ ବାଲିଯାତ୍ରାରେ ଜନସଚେତନତା ଉଦ୍ଦେଶରେ ସମସ୍ତ କର୍ପୋରେଟର ମାନଙ୍କ ଦ୍ୱାରା Campaign କରାଯିବା

ନିମନ୍ତେ ପ୍ରସ୍ତାବ ଦେଇଥିଲେ । ବର୍ତ୍ତମାନ ସହର ମଧ୍ୟରେ ପ୍ରାୟତ ଲୋକ ସଚେତନ ହୋଇଥିବାରୁ ୬୦ ପ୍ରତିଶତ ପଲିଥିନ ବ୍ୟବହାର ବନ୍ଦ ହେଲାଣି ବୋଲି ମତ ବ୍ୟକ୍ତ କରିଥିଲେ । ତେଣୁ Campaign ମାଧ୍ୟମରେ ଅଧିକ ସଚେତନତା କରାଗଲେ ସମ୍ପୂର୍ଣ୍ଣ ପଲିଥିନ ମୁକ୍ତ କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ ।

❖ ଶୌଚାଳୟ ନିର୍ମାଣ ପାଇଁ ଲୋକମାନେ ବିକାଶ ଭବନକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେଣି ସେଥି ମଧ୍ୟରୁ କେତେ ଜଣ ପଇସା ପାଇନଥିବା ବେଳେ କିଛି ଲୋକ ୨ୟ ଏବଂ ୩ୟ କିସ୍ତି ପଇସା ପାଇପାରିନାହାଁନ୍ତି । ଏହାକୁ ଗୁରୁତ୍ୱର ସହ ବିଚାର କରାଯାଇ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ରାଷ୍ଟ୍ରିୟ ସ୍ୱାସ୍ଥ୍ୟ ବୀମା ଯୋଜନା ବା ବିଜୁ କୃଷକ କଲ୍ୟାଣ ଯୋଜନାରେ ଅର୍ନ୍ତଭୂକ୍ତ ହୋଇଥିବା ହିତାଧିକାରିମାନେ ମଧ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତ ସୁବିଧା ପାଇପାରିବେ ଏବଂ ସରକାରଙ୍କ ତରଫରୁ ପ୍ରଥମେ ଏହି ଯୋଜନା ଗ୍ରାମାଂଚଳରୁ ଆରମ୍ଭ କରାଯାଇଛି । ନୂତନ ଫର୍ମ ସହରାଂଚଳକୁ ଆସିନାହିଁ କିନ୍ତୁ ଏ ବିଷୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପତ୍ରାଳାପ କରାଯାଇ କିଭଳି ଏବଂ କେଉଁ ଲୋକମାନେ ଆବେଦନ କରିପାରିବେ ତାହା ବୈଠକରେ ସୂଚନା ପ୍ରଦାନ କରାଯିବା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବୈଠକୁ ଡ଼କାଯାଇ ସୂଚନା ପ୍ରଦାନ କରାଯିବା ପାଇଁ ପ୍ରସ୍ତାବ ଦେବା ସହ ସହରରେ ମାଳ ମାଳ ହୋଡ଼ିଂ ଲାଗିଥିଲେ ମଧ୍ୟ ଉକ୍ତ ଯୋଜନା ବିଷୟରେ କେହି ଅବଗତ ନୁହଁନ୍ତି ତେଣୁ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ଗୃହକୁ ଅବଗତ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ବୈଶାଳୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୨୮ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଥିବା ଶୌଚାଳୟକୁ ପାଣି ସଂଯୋଗ କରାଯାଉନାହିଁ । ବାରମ୍ୱାର ଏ ବିଷୟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଲୋକମାନେ ଏଣେ ତେଣେ ମଳତ୍ୟାଗ କରି ଅପରିଷ୍କାର କରୁଛନ୍ତି । ତେଣୁ ତୁରନ୍ତ ପ୍ରତିକାର ସ୍ୱରୁପ ଉକ୍ତ ଶୌଚାଳୟରେ ପାଣି ସଂଯୋଗ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ରେ ୫୦ ଲକ୍ଷ ଅନୁଦାନ ମଧ୍ୟରେ ବର୍ତ୍ତମାନ ସୁଦ୍ଧା୫୦ ପ୍ରତିଶତ କାର୍ଯ୍ୟ ହୋଇପାରିଲା ନାହିଁ । ଏ ବାବଦରେ ବାରମ୍ୱାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଉନ୍ନତି ଯୋଜନାରେ ମଧ୍ୟ ମନଇଚ୍ଛା କାର୍ଯ୍ୟ ତାଲିକା ପ୍ରକାଶ ପାଇଛି । କର୍ପୋରେଟରମାନଙ୍କ ଅଗୋଚରରେ ଉନ୍ନତି ତାଲିକା ପ୍ରସ୍ତୁତ କରାଯାଇଛି । ୱାର୍ଡ଼ର କର୍ପୋରେଟର ମାନଙ୍କ ଠାରୁ କାର୍ଯ୍ୟ ବିଷୟରେ ଅଧିକ କିଏ ଜାଣିପାରିବ । କିନ୍ତୁ ଦୁଃଖର ବିଷୟ ଯେଉଁ ଯେଉଁ କାର୍ଯ୍ୟ ଗୁଡ଼ିକ ପୁର୍ବରୁ ହୋଇଥିଲା ପ୍ରାୟତଃ ସେହି କାର୍ଯ୍ୟ ଗୁଡ଼ିକ ଉକ୍ତ ଯୋଜନାରେ ପୁର୍ନବାର ସ୍ଥାନ ପାଇଛି । ତେଣୁ କର୍ପୋରେଟରମାନଙ୍କ ଠାରୁ କାର୍ଯ୍ୟ ତାଲିକା ଗ୍ରହଣ କରାଯାଇ ଉକ୍ତ ଯୋଜନାରେ ଅର୍ନ୍ତଭୁକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ନମିତା ମଞ୍ଜରି ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୪ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ରେସନ କାର୍ଡ଼ ଛାପାରେ ବହୁ ତୃଟି ପରିଲକ୍ଷିତ ହୋଇଅଛି । ରାସନ କାର୍ଡ଼ରେ ବାପା ମାଙ୍କର ନାମ ଅର୍ନ୍ତଭୂକ୍ତ କରାଯାଇଥିବା ବେଳେ ପିଲାମାନଙ୍କର ନାମ ନାହିଁ, ଏଭଳି ବିଭ୍ରାଟ କିଭଳି କରାଗଲା । ସେହିପରି ଆବେଦନ ଫର୍ମରେ ଗୋଟେ ଡ଼ିଲର ନାମ ଲେଖିଥିବା ବେଳେ କାର୍ଡ଼ରେ ଅନ୍ୟ

ଡ଼ିଲରଙ୍କ ନାମ ରହିଛି । ହିତାଧିକାରୀ ଚୟନ କ୍ଷେତ୍ରରେ ମଧ୍ୟ ଚଂଚକତା କରାଯାଇଛି । ତେଣୁ ଅଯଥାରେ ଲୋକମାନଙ୍କୁ ହଇରାଣ କରାନଯାଇ କିଭଳି ନିର୍ଭୁଲ ଭାବେ କାର୍ଡ଼ ଯୋଗାଇ ଦିଆଯାଇପାରିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ❖ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ ୧ କୋଟି ୨୦ଲକ୍ଷରୁ ଉର୍ଦ୍ଧ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ୪ କୋଟି ୫୬ ଲକ୍ଷ ଲୋକଙ୍କ ମଧ୍ୟରୁ ୧ କୋଟି ୨୦ ଲକ୍ଷ ଲୋକ କିଭଳି ସୁବିଧା ପାଇ ପାରିଲେ ବୋଲି ପ୍ରଶ୍ନ କରିଥିଲେ । ନିଗମ ଅଂଚଳରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନର ରୁପରେଖ କ'ଣ ମାନ୍ୟବର ମେୟରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ଉକ୍ତ ଯୋଜନାର ଫର୍ମ କେଉଁଠାରେ ମିଳିବ ବୋଲି ନିଗମର ସ୍ୱାସ୍ଥ୍ୟ ଅଧିକାରୀ କିମ୍ବା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିଲା ବେଳେ ସେମାନେ ଜାଣି ନଥିବା କହୁଥିବା ବେଳେ କାହା ଠାରୁ ଆମ୍ଭେ ଜାଣିପାରିବୁ ବୋଲି ପ୍ରଶ୍ନ କରିଥିଲେ ।
- ❖ **IGNOAP** ଯୋଜନାରେ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡ଼ିକର କାର୍ଯ୍ୟ କ'ଣ ଚାଲିପାରି ନାହିଁ । କେବଳ ରାଜ୍ୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ପ୍ରଶ୍ନ କରିବା ସହ ଦୀର୍ଘ ୧୦ ମାସରୁ ଉର୍ଦ୍ଧ ହେବ ହିତାଧିକାରମାନେ ଆବେଦନ କରି ଭତା କାର୍ଡ଼ ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି । ଜଣେ ଜନପ୍ରତିନିଧି ଭାବେ ଆମ୍ଭକୁ ପ୍ରଶ୍ନ କରୁଛନ୍ତି । ଯଦି ସେମାନଙ୍କୁ କାର୍ଡ଼ ପ୍ରଦାନ କରାଯିବ ନାହିଁ ତେବେ ଗୃହରେ ଅବଗତ କରାଯାଉ ବୋଲି ମତବ୍ୟକ୍ତ କରିଥିଲେ ।
- ❖ ୫୦ ଲକ୍ଷ ପ୍ୟାକେଜ କାର୍ଯ୍ୟ ହୋଇପାରୁନାହିଁ, ଗତବର୍ଷ କଳା ତାଲିକା ଭୁକ୍ତ ହୋଇଥିବା ଠିକାଦାର ମାନଙ୍କୁ ଚଳିତ ବର୍ଷ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି, ସେଥିପାଇଁ ଯନ୍ତ୍ରୀ ବିଭାଗ ଅହେତୁକ ଅନୁକମ୍ପା ଦେଖାଉଛି । ଡ୍ରେନ ସଫେଇ ନିମନ୍ତେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ କରାଯାଉନାହିଁ ।
- ❖ ୱାର୍ଡ଼ରେ ଏନ୍‌ବିସିସି ଶୌଚାଳୟ କାର୍ଯ୍ୟ ଆରମ୍ଭ କରାନଯିବା ଫଳରେ ଜନସାଧାରଣ ଏଣେ ତେଣେ ମଳତ୍ୟାଗ କରି ଅପରିଷ୍କାର ପରିବେଶ ସୃଷ୍ଟି କରୁଛନ୍ତି । ନିଗମ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏଭଳି ପରିସ୍ଥିତିରେ ଲୋକମାନେ କଣ ସୁବିଧା ପାଇପାରିବେ ବୋଲି ପ୍ରଶ୍ନ କରିଥିଲେ । ଅସ୍ଥାୟୀ ଶୌଚାଳୟ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବାରୁ ଯଥାଶିଘ୍ର ତାହାକୁ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବହୁ ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିଥିଲେ କିନ୍ତୁ ସଠିକ୍ ମାର୍ଗରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇନାହିଁ । କମ୍ୟୁନିଟି ଅର୍ଗାନାଇଜରମାନେ ଲୋକଙ୍କ ଘର ଭିତରକୁ ନଯାଇ ବାହାରୁ ଫଟୋ ଉଠାଇ ଅଯୋଗ୍ୟ ଘୋଷଣା କରିଛନ୍ତି । ତେଣୁ ସଠିକ୍ ଭାବେ ଯାଂଚ କରାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ-୧୮ :**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ ୨ ମାସ ମଧ୍ୟରେ ରାଜ୍ୟରେ ୧ କୋଟିରୁ ଉର୍ଦ୍ଧ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି, ଯାହାକି ସମ୍ପୁର୍ଣ୍ଣ ମିଛି ଓ ଅବାସ୍ତବ । ଏଭଳି ବିଭ୍ରାନ୍ତିକର ତଥ୍ୟ ଉପରେ ମାନ୍ୟବର ମେୟରଙ୍କ ଠାରୁ ଉତର ଚାହିଁଥିଲେ ।

❖ ବିଜୁ ସହରାଂଚଳ ବିଦ୍ୟୁତ ଯୋଜନାରେ ନିଗମ ଅଂଚଳରେ ଗୋଟିଏ ହେଲେ ବଲ୍ବ ଲଗାଯାଇନାହିଁ । ନିଗମକୁ ଚିଠି ଆସିଥିଲା ଏବଂ ନିଗମର ସ୍ୱାସ୍ଥ୍ୟ କମିଟିରେ ଆଲୋଚନା କରାଯାଇଥିଲା, ହେଲେ ଅଦ୍ୟାବଧି ଗୋଟିଏ ହେଲେ ବଲ୍ବ ଲଗାଯାଇପାରିଲାନାହିଁ । ଏ ବିଷୟରେ ଲୋକମାନେ ବାରମ୍ବାର ପଚାରୁଛନ୍ତି । ହୋଡ଼ିଂ କିନ୍ତୁ ମାଳ ମାଳ ଲାଗିଛି, ପଦଯାତ୍ରା ସମୟରେ ବିଧାୟକମାନେ ଏହାର ଉତର ଜନସାଧାରଣ ପାଖରେ ରଖନ୍ତୁ ବୋଲି ଦାବି ଉପସ୍ଥାପନା କରିଥିଲେ ।

❖ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ସରକାର ରାସନ କାର୍ଡ଼ରେ ଚାଉଳ, ଗହମ ସହିତ କିରୋସିନ ଯୋଗାଇ ଦେଇ ଆସୁଥିବା ବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ଼ରେ କିରୋସିନ ଦେବାର ବ୍ୟବସ୍ଥା ନାହିଁ । ଯେଉଁ ଯେଉଁ ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିଥିଲେ କିନ୍ତୁ ସଠିକ୍ ମାର୍ଗରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇନଥିବାରୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଥିବା ବେଳେ ବହୁ ଅଯୋଗ୍ୟ ହିତାଧିକାରିଙ୍କୁ କାର୍ଡ଼ ମିଳିଛି ଏଥିପ୍ରତି କାହାର ଧ୍ୟାନ ନାହିଁ ବୋଲି ମତବ୍ୟକ୍ତ କରିଥିଲେ ।

❖ ଉଜ୍ଜଳା ଯୋଜନା କିମ୍ବା ଅମୃତ ଯୋଜନା ବିଷୟରେ ଗୃହରେ ଆଲୋଚନା କରାଗଲା ନାହିଁ । ସରକାରଙ୍କ ନିର୍ଦ୍ଦେଶାବଳି ଅନୁଯାୟୀ କେଉଁମାନେ ଉଜ୍ଜଳା ଯୋଜନାରେ ସାମିଲ ହୋଇପାରିବେ ତାହା ଗୃହରେ ଆଲୋଚନା କରାଯାଇଥିଲେ ଜନସାଧାରଣ ଫାଇଦା ପାଇପାରି ନାହାଁନ୍ତି ବୋଲି ଦିଗ୍‌ଦର୍ଶନ ଦେଇଥିଲେ ।

❖ ଅନ୍ତୋଦୟ କାର୍ଡ଼ କଟକ ସହରକୁ କେତେ ଦିଆଯାଇଛି, ତାହାର ଉତର ମାନ୍ୟବର ମେୟର ରଖନ୍ତୁ । ଅନ୍ତୋର୍ଦୟ ନିମନ୍ତେ ସର୍ଭେ କରାଗଲାନାହିଁ । ଫଳରେ ବହୁ ଯୋଗଗ୍ୟ ହିତାଧିକାରି କାର୍ଡ଼ ପାଇବାରୁ ବଂଚିତ ହେଲେ ।

❖ ୪ବର୍ଷ ଚାଲି ଗଲା କିନ୍ତୁ ବର୍ଯ୍ୟବସ୍ତୁ ଟେଣ୍ଡରର ଫଏସଲା ହୋଇପାରିଲା ନାହିଁ । ସରକାର ଯଦି ଉକ୍ତ ଟେଣ୍ଡରକୁ ରଦ୍ଦ କରିଛନ୍ତି ତେବେ ତାହାର ସମସ୍ତ ତଥ୍ୟ ଗୃହରେ ଉପସ୍ଥାପନ କରାଯାଉ ଏବଂ ଏ ବାବଦରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ବିଷୟରେ ଜବାବ ଦିଅନ୍ତୁ ବୋଲି ଦାବି ଉପସ୍ଥାପନା କରିଥିଲେ ।

❖ ଦଶହରା ପୁର୍ବରୁ ନାଳ ନର୍ଦ୍ଦମା ସଫେଇ କରାଯିବା ପାଇଁ ଲୋକ ମାଗିଥିଲି କିନ୍ତୁ ଲୋକ ଯୋଗଇ ଦିଆଗଲା ନାହିଁ । ସରକାର ନିଜର ଥିବା ବେଳେ ସହର ପାଇଁ କ'ଣ କରିଛ । ସବୁ ଯୋଜନାରେ ସରକାର ଫେଲ । ଏହାର ଉତର ରଖିବାକୁ ଦାବି କରାଯିବା ବେଳେ ସଂଖ୍ୟା ଗରିଷ୍ଠତାର ଦ୍ୱାହି ଦେଇ କୌଣସି କଥାକୁ ଭୃକ୍ଷେପ କରୁନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ ।

**ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୧ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ କାଳୀପୁଜାରେ ବିଦ୍ୟାଧରପୁରରେ ୩୫ ଟି ମେଢ ପୂଜା ପାଇବେ । ଉକ୍ତ ଅଂଚଳର ପରିମଳର ସୁଧାର ନିମନ୍ତେ ନଗର ସ୍ୱାସ୍ଥ୍ୟ ଅଧିକାରୀ ରାସ୍ତାଘାଟ ସଫେଇ ନିମନ୍ତେ ପରିମଳ ନିରୀକ୍ଷକଙ୍କୁ ପଠାଇ ପରିମଳ ଉପରେ ଧ୍ୟାନ ଦେବା ନିମନ୍ତେ ଦାବି ଉପସ୍ଥାପନା କରିଥିଲେ ।

❖ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସଠିକ ଭାବେ ତଦନ୍ତ କରାନଯିବା ହେତୁ ବହୁ ଯୋଗ୍ୟ ହିତାଧିକାରୀମାନେ ବାଦ୍ ପଡ଼ିଛନ୍ତି । ଓ୍ୱାର୍ଡ଼ରେ ୧୧୦ ଜଣ ଆବେଦନ କରିଥିବା ବେଳେ ୮୦ଜଣଙ୍କୁ କାହିଁକି ଚୟନ କରାଗଲା । ଅବଶିଷ୍ଟ ହିତାଧିକାରିଙ୍କୁ କେଉଁ କାରଣରୁ ବାଦ୍ ଦିଆଗଲା ତାହାର ଜବାବ୍ ଗୃହରେ ରଖାଯାଉ ବୋଲି ଦାବି ଉପସ୍ଥାପନା କରିଥିଲେ ।

❖ ସ୍ୱାୟତ ଶାସନ ଦିବସ-୨୦୧୮ରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ଉଦ୍‌ଘାଟନ କରାଯାଇଥିବା ଶୌଚାଳୟକୁ କାହିଁକି ବନ୍ଦ ରଖାଯାଇଛି ବୋଲି ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କେଉଁମାନେ ସ୍ୱାସ୍ଥ୍ୟ ସେବା ପାଇପାରିବେ ଏବଂ ଫର୍ମ କେଉଁଠାରେ ମିଳୁଛି, ଆବେଦନ କେଉଁଠାରେ କରାଯିବ ଏହାର ସମସ୍ତ ତଥ୍ୟ ଜିଲ୍ଲାପାଳ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ଗୃହକୁ ଅବଗତ କରାଯିବା ନିମନ୍ତେ ପ୍ରସ୍ତାବ ଦେବା ସହ ଏ ବାବଦରେ ସରକାରଙ୍କ ନିର୍ଦ୍ଦେଶ ପତ୍ର ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ଦାବି ଉପସ୍ଥାପନା କରିଥିଲେ ।

❖ ଦଶହରା ଉପଲକ୍ଷେ ପ୍ରତ୍ୟେକ ଓ୍ୱାର୍ଡ଼ରେ ୧୦ ଲକ୍ଷ ଟଙ୍କା ମଧ୍ୟରେ ବିଭିନ୍ନ କାର୍ଯ୍ୟ କରାଯିବା ନିମନ୍ତେ ଅନୁମୋଦନ କରାଯାଇଥିବାରୁ ଯଥାଶିଘ୍ର ତାହାକୁ ଅନୁଧ୍ୟାନ କରାଯାଇ କାର୍ଯ୍ୟ ସମ୍ପନ୍ନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତା ଏ ଶ୍ରୀଦେବୀ, ଅଧକ୍ଷା, ଏଜୁକେଶନ, ରିକ୍ରେସନ କଲଚର ଷ୍ଟାଣ୍ଡିଙ୍ଗ କମିଟି :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ସହରରେ ବୁଲା ଗାଈ, ଷଣ୍ଢ ମାନଙ୍କର ଉତ୍ପାତ ବିଷୟରେ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ ଭୁବନେଶ୍ୱର ମହାନଗର ନିଗମ ପ୍ରତ୍ୟେକ ବୁଲା ଗାଈ ଗୋରୁ ମାନଙ୍କ କାନରେ ଏକ ନମ୍ବର ଝୁଲାଇ ଦେବା ଫଳରେ ଉକ୍ତ ଗାଈ କାହାର ଏବଂ କେଉଁ ଅଂଚଳର ବୋଲି ଚିହ୍ନଟ ହୋଇପାରୁଅଛି । ତେଣୁ ଥରେ ଗାଈଗୋରୁ ମାଲିକଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କଲେ ଆଉ ରାସ୍ତା ଉପରକୁ ଗାଈ ଛାଡ଼ିବେ ନାହିଁ । ତେଣୁ କଟକରେ ଉକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବକ୍ସି ବଜାର ଠାରେ Sterilisation Centre ମଧ୍ୟ ୩ ବର୍ଷ ହେବ କାର୍ଯ୍ୟକ୍ଷମ କରାଯାଉନାହିଁ । କୁକୁର ବନ୍ଧ୍ୟାକରଣ ନକରିବା ଦ୍ୱାରା ସହରରେ କୁକୁରଙ୍କ ସଂଖ୍ୟା ବଢ଼ିବା ଦ୍ୱାରା ଜନସାଧାରଣ ଦୈନିକ ଦୁର୍ଘଟଣାର ଶିକାର ହେଉଛନ୍ତି । ତେଣୁ ଉକ୍ତ କେନ୍ଦ୍ରରେ ବର୍ଷକୁ କେତେ କୁକୁର ବନ୍ଧ୍ୟାକରଣ କରାଯାଉଛି ଏବଂ ଖାଦ୍ୟ, ଔଷଧ ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଉଛି ତାହାର ସମସ୍ତ ତଥ୍ୟ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସଠିକ ଭାବେ ତଦନ୍ତ କରାନଯିବା ଫଳରେ ଯୋଗ୍ୟ ହିତାଧିକାରୀମାନେ ବାଦ୍ ପଡ଼ିଛନ୍ତି । ଏ ବାବଦରେ ଜିଲ୍ଲାପାଳଙ୍କୁ ପଚାରିବାରୁ ସେ କହୁଛନ୍ତି ଏହା ଏକ ସ୍ୱାଭାବିକ ପ୍ରକ୍ରିୟା । ରାସନ କାର୍ଡ଼ରେ ଯାହା ସମସ୍ୟା ହୋଇଛି କେବଳ ଡ଼ିଲର ମାନଙ୍କ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟ । ତେଣୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ଯଥାଶିଘ୍ର ଉକ୍ତ ଯୋଜନାରେ ଅର୍ନ୍ତଭୁକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ତିତିଲି ପ୍ରଭାବରେ ପ୍ରବଳ ବର୍ଷାରେ ଓ୍ୱାର୍ଡ଼ରେ ପାଣି ଜମିଥିଲା । ନିଗମର ମେୟର, ଡ଼େପୁଟି ମେୟର, ଜିଲ୍ଲାପାଳ, ସ୍ୱାସ୍ଥ୍ୟ କମିଟିର ଅଧ୍ୟକ୍ଷ ଏବଂ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ର ପ୍ରଚେଷ୍ଟା ବଳରେ ଆପତ କାଳିନ ସୁବିଧା ଏବଂ ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ କ୍ଷୟକ୍ଷତି ହୋଇଥିବା ଜନସାଧାରଣଙ୍କୁ ଚିହ୍ନଟ କରାଯାଇ ପଲିଥିନ ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ ।

❖ ଭତା ବଣ୍ଟନ ପ୍ରତ୍ୟେକ ମାସ ୧୫ ତାରିଖରେ ୱାର୍ଡ଼ର ଭତା କେନ୍ଦ୍ରରେ ପ୍ରଦାନ କରାଯାଉଥିବାରୁ କୌଣସି କାରଣ ବଶତଃ ଯେଉଁ ହିତାଧିକାରୀ ମାନେ ଭତା ପାଇପାରୁନାହାଁନ୍ତି ପୂର୍ବ ଭଳି ସେମାନଙ୍କୁ ପ୍ରତ୍ୟେକ ମାସ ୨୦ ତାରିଖରେ ନିଗମ କାର୍ଯ୍ୟାଳୟରେ ଭତା ପ୍ରଦାନ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବାଲିଯାତ୍ରାରେ ନିଗମ ତରଫରୁ ଖୋଲାଯାଉଥିବା ଚାରା କେନ୍ଦ୍ରକୁ ସମସ୍ତ କର୍ପୋରେଟରମାନେ ପରିଦର୍ଶନରେ ଆସିବା ନିମନ୍ତେ ଅନୁରୋଧ କରିଥିଲେ ।

**ସୁଶ୍ରୀ ଚାରୁଲତା ସାହୁ, କର୍ପୋରେଟର, ୱାର୍ଡ଼ ନଂ-୧୯ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ତିତିଲି ପ୍ରଭାବରେ ପ୍ରବଳ ବର୍ଷାରେ ୱାର୍ଡ଼ରେ ୫ଦିନ ଧରି ପାଣି ଜମିଥିଲା । ସୁତାହାଟ, ତନ୍ତିସାହିରେ ଅଣ୍ଟାଏରୁ ଉର୍ଦ୍ଧ ପାଣି ଜମି ରହିବା ଫଳରେ ଲୋକମାନଙ୍କ ଘରେ ମଧ ପାଣି ଜମି ରହିଲା । ଯାହା ଫଳରେ ସେମାନେ ବହୁ ଅସୁବିଧାର ସମ୍ମୁଖିନ ହେଲେ । ସେମାନଙ୍କୁ ରିଲଫ ପ୍ରଦାନ କରାଗଲାନାହିଁ କିମ୍ବା ଉପ ଜିଲ୍ଲାପାଳ ପରିଦର୍ଶନରେ ଆସିଲେ ନାହିଁ । ଏଭଳି ପାତର ଅନ୍ତର କାହିଁକି କରାଯାଉଛି ତାହାର ଜବାବ ଗୃହରେ ରଖାଯାଉ ବୋଲି ଦାବି ଉପସ୍ଥାପନ କରିଥିଲେ ।

❖ ବାଲିଯାତ୍ରରେ ସ୍ୱୟଂ ସହାୟକ ଗୋଷ୍ଠି ମାନେ ଷ୍ଟଲ ଖୋଲିବା ପାଇଁ ଚାହୁଁଛନ୍ତି, ତେବେ ସେମାନେ କିଭଳି ଭାବେ ଷ୍ଟଲ ପାଇପାରିବେ ତାହାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ପାରୁଲ ଜୟସାଲ, କର୍ପୋରେଟର, ୱାର୍ଡ଼ ନଂ-୨୫ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଭତା ପ୍ରଦାନ କିଭଳି ବ୍ୟାଙ୍କ ମାଧମରେ ହୋଇପାରିବ ତାହା କ'ଣ ସମ୍ଭବ । କାରଣ ଅନେକ ଲୋକ ବିଛଣାରେ ପଡ଼ିଥିବା ବେଳେ ବହୁ ଭିନ୍ନକ୍ଷମ ମାନଙ୍କର ଆଧାର କାର୍ଡ଼ ଉଠିପାରିନାହିଁ । ବିନା ଆଧାରରେ ବ୍ୟାଙ୍କରେ ଖାତା ଖୋଲାଯାଇପାରୁନାହିଁ । ତେଣୁ ଲୋକମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖାଯାଇ ଭତା କେନ୍ଦ୍ରରେ ପୂର୍ବଭଳି ଭତା ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ର ଥୋରିଆ ସାହିଠାରେ ଥିବା ଶୌଚାଳୟ ନିର୍ମାଣ କରାଯିବା ପାଇଁ କାହିଁକି ଟେଣ୍ଡର କରାଯାଉନାହିଁ । ଯଥାଶିଘ୍ର ଶୌଚାଳୟ ନିର୍ମାଣ କରାଯିବା ସହ କୁଲି ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ରେ ଲାଗିଥିବା ପ୍ରାୟତଃ ଏଲଇଡ଼ି ଜଳୁନଥିବା ବେଳେ, ଏ ବାବଦରେ ଫୋନ କଲେ କେହି ଫୋନ ଗ୍ରହଣ କରୁନାହାଁନ୍ତି । ତେଣୁ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଗିରିବାଳା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୦୪ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଗତ ଅଗଷ୍ଟ ୧୫ ତାରିଖ ଠାରୁ ଲାଗୁ କରାଯାଇଥିବା ବେଳେ କଟକ ସହରରେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ସହର ମଧ୍ୟରେ କ'ଣ ଗରିବ ଲୋକ ନାହାଁନ୍ତି ବୋଲି ପ୍ରଶ୍ନ କରିଥିଲେ ।ଉକ୍ତ ଯୋଜନାରେ ୨ ମାସ ମଧ୍ୟରେ ରାଜ୍ୟରୁ ୧ କୋଟି ଲୋକ ସୁବିଧା ପାଇଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଯାହା ପ୍ରକାଶ କରିଛନ୍ତି ତାହାର ବାସ୍ତବତା କେତେ ବୋଲି ମାନ୍ୟବର ମେୟରଙ୍କ ଠାରୁ

ଜାଣିବାକୁ ଚାହିଁଥିଲେ । ତେଣୁ ଉକ୍ତ ଯୋଜନା ସମ୍ପର୍କରେ ବୈଠକ କରାଯାଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ କାର୍ଯ୍ୟକାରୀ କରାଯିବାକୁ ଦାବି ଉପସ୍ଥାପନା କରିଥିଲେ ।

- ❖ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି କିମ୍ବା ପରିଷଦ ବୈଠକରେ ଯାହା ଯାହା ପ୍ରସ୍ତାବ ଅନୁମୋଦନ ହେଉଅଛି ସେ ଗୁଡ଼ିକ କାର୍ଯ୍ୟକାରୀ କରାଯାଉନାହିଁ । ସେ ଗୁଡ଼ିକ କିଭଳି କାର୍ଯ୍ୟକାରୀ କରାଯାଇପାରିବ ମାନ୍ୟବର ମେୟର ସେ ଦିଗରେ ଧ୍ୟାନ ଦିଅନ୍ତୁ । କାରଣ ମାନ୍ୟବର ମେୟରଙ୍କ ଅଖଣ୍ଡ କ୍ଷମତା ଅଛି, ଯଦି କ୍ଷମତା କାର୍ଯ୍ୟକାରୀ ହୁଏ ତେବେ ବହୁ କାର୍ଯ୍ୟ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ ।
- ❖ ନିଗମ ଅଂଚଳରେ ବର୍ଷକୁ ବର୍ଷ ଜଣ୍ଡିସ କାୟା ବିସ୍ତାର କରିଚାଲିଛି, ଜଣ୍ଡିସ ନିୟନ୍ତ୍ରଣ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ, ୬୦ ବର୍ଷ ତଳେ ଯେଉଁ ପାଣି ପାଇପ ବିଛା ଯାଇଥିଲା ସେଗୁଡ଼ିକୁ ସଫା କରାଯାଉନାହିଁ । ଯେଉଁ ଯେଉଁ ସ୍ଥାନରେ ମଇଳା ପାଣି ବାହାରୁଛି ସେ ସବୁ ପାଇପ ଗୁଡ଼ିକ ସଫା କରାଯିବା ସହିତ ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ଦଶହରା ପୁର୍ବରୁ ରାସ୍ତାଘାଟ ମରାମତି କାର୍ଯ୍ୟ ସଠିକ୍ ଭାବେ କରାଗଲାନାହିଁ ଯାହାଫଳରେ ଜନସାଧାରଣ ଅସୁବିଧା ଭୋଗକଲେ,ତେଣୁ କାଳୀପୁଜା ପୂର୍ବରୁ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସଠିକ ଭାବେ ତଦନ୍ତ କରାଯାଇନଥିବାରୁ ବହୁ ଯୋଗ୍ୟ ହିତାଧିକାରୀମାନେ ବାଦ୍ ପଡ଼ିଛନ୍ତି । କେଉଁ କାରଣରୁ ହିତାଧିକାରିଙ୍କୁ ବାଦ୍ ଦିଆଗଲା ତାହାର ଜବାବ୍ ଗୃହରେ ରଖାଯାଉ ବୋଲି ଦାବି ଉପସ୍ଥାପନା କରିଥିଲେ ।
- ❖ ସହରରେ ବୁଲାଗାଈ, କୁକୁର ସଂଖ୍ୟା ବଢ଼ିଯାଇଥିବାରୁ ସେଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ୫ବର୍ଷ ବିତିଗଲାଣି ଏ ବାବଦରେ ବାରମ୍ବାର ଅଭିଯୋଗ କଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଯଥାଶିଘ୍ର ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ସହିତ ସିଡ଼ିଏ ଅଂଚଳରେ ବନ୍ଦ ହୋଇଥିବା କାଞ୍ଜିଆହୁଦାକୁ ଚାଲୁ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ❖ ନିଗମ ଅଂଚଳରେ ପିତା ମାତା ମୃତ୍ୟୁ ବରଣ କରିବା ପରେ ପୁଅମାନଙ୍କ ନାମକୁ Mutation (ଦାଖଲ ଖାରଜ) କରାଯିବା ପାଇଁ ସରଳୀକରଣ କରାଯାଉନାହିଁ । ମନଇଛା ଫି ବୃଦ୍ଧି କରାଯାଉଛି ଏବଂ ବର୍ଷ ବର୍ଷ ଧରି ଫାଇଲ ଗୁଡ଼ିକ ପଡ଼ିରହୁଛି । ତେଣୁ ଉକ୍ତ ବର୍ଦ୍ଧିତ ଫିକୁ ପ୍ରତ୍ୟାହାର କରାଯାଇ ସର୍ବନିମ୍ନ ଟିକସ ଧାର୍ଯ୍ୟ କରାଯିବା ସହିତ ଲୋକମାନଙ୍କୁ ଯଥୋଚିତ ନ୍ୟାୟ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ଭତା ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାନଯାଇ ମାନୁଆଲ୍‌ରେ ବିଭିନ୍ନ ଭତା କେନ୍ଦ୍ରରେ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ କାଠଯୋଡ଼ି ରିଂ ବନ୍ଧ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଲାଇଟ ଜଳୁନଥିବାରୁ ଅନୁଧ୍ୟାନ କରାଯାଇ ଯଥାଶିଘ୍ର ଲାଇଟ ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ଷ୍ଟ୍ରିଟ ଭେଣ୍ଡର ତାଲିକା ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଗଲା ନାହିଁ । ସେମାନେ ଏଣେ ତେଣେ ବ୍ୟବସାୟ କରି ରାସ୍ତା ଅବରୋଧ କରୁଛନ୍ତି । ତେଣୁ ସେମାନଙ୍କର ତାଲିକା ପ୍ରକାଶ କରାଯାଇ ଥଇଥାନ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ଜ୍ଞାନ ରଂଜନ ସାଇଁ, କର୍ପୋରେଟର, ୱାର୍ଡ଼ ନଂ-୧୦ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୫୦ ଲକ୍ଷ ଅନୁଦାନର କାର୍ଯ୍ୟ ୧୫ ଦିନ ମଧ୍ୟରେ ଶେଷ କରାଯିବା ନିମନ୍ତେ ଗତ ବୈଠକରେ ଘୋଷଣା କରାଯାଇଥିଲେ ମଧ୍ୟ ୧ ମାସରୁ ଉର୍ଦ୍ଧ ସମୟ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ହୋଇପାରିଲା ନାହିଁ । କାହିଁକି କାର୍ଯ୍ୟ ହୋଇପାରିଲା ନାହିଁ ଆଯୁକ୍ତ ଗୃହରେ ତାହାର ଜବାବ ରଖନ୍ତୁ ।

❖ ବର୍ଜ୍ୟବସ୍ତୁ ପରିଚାଳନା ଟେଣ୍ଡର ବିଷୟରେ ଖବର କାଗଜରେ ପ୍ରକାଶ ପାଇଛି । ନିଗମର ପରିମଳ ବ୍ୟବସ୍ଥା ୬ ଗୋଟି ସଂସ୍ଥାକୁ ଦାୟୀତ୍ୱ ପ୍ରଦାନ କରାଯାଇ ପରିମଳରେ ସୁଧାର ଅଣାଯିବ । ଏହା କେତେ ଦୂର ସଠିକ୍ କାରଣ ଗୃହକୁ ଅବଗତ କରାନଯାଇ ଏଭଳି ନିଷ୍ପତି କିଏ ନେଲା, ତାହାର ଉତର ରଖାଯାଉ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଟେଣ୍ଡର ବାବଦରେ ଏକ ସ୍ୱତନ୍ତ୍ର ବୈଠକ କରାଯିବା ପାଇଁ ଦାବି ଉପସ୍ଥାପନା କରିଥିଲେ ।

❖ ଦୀର୍ଘ ସାଢେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଚଣ୍ଡି ମନ୍ଦିର ନିକଟରେ ଶୌଚାଳୟ କରାଯିବା ପାଇଁ ବାରମ୍ବାର ପ୍ରସ୍ତାବ ଦେଇଥିଲେ ମଧ୍ୟ କାର୍ଯ୍ୟକାରୀ କରାଗଲାନାହିଁ, କେବଳ ପ୍ରତିଶୃତିରେ ରହିଗଲା ବୋଲି କ୍ଷୋଭ ସହ କହିଥିଲେ ।

❖ ଖ୍ରୀଷ୍ଟ ମହାବିଦ୍ୟାଳୟ ପାଖରେ ଥିବା ଅଳିଆ ପଏଣ୍ଟରୁ ଅଳିଆ ଦିନ ୧୨ ଘଟିକା ପରେ ସଫା କରାଯାଉଛି । ଫଳରେ ପ୍ରତ୍ୟେକ ଦିନ ଉକ୍ତ ରାସ୍ତାଦେଇ ସ୍କୁଲ, କଲେଜ ପିଲା ପୂର୍ତି ଗନ୍ଧମୟ ପରିବେଶରେ ଯାଇପାରୁନାହାଁନ୍ତି । ସେଥିପ୍ରତି ଧ୍ୟାନ ଦିଆଯିବା ସହିତ ସକାଳ ୧୦ ଗଟିକା ମଧ୍ୟରେ ଅଳିଆ ପଏଣ୍ଟରୁ ଅଳିଆ ସଫା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଦଶହରା ଉପଲକ୍ଷେ ପ୍ରତ୍ୟେକ ୱାର୍ଡ଼କୁ ୧୦ ଲକ୍ଷ ଟଙ୍କାର ଅନୁଦାନରେ କାର୍ଯ୍ୟ କରାଯିବା ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିବା ବେଳେ ଅନ୍ୟ କେତେକ ୱାର୍ଡ଼କୁ ୧୦ଲକ୍ଷରୁ ଉର୍ଦ୍ଧ ଟଙ୍କା କିଭଳି ପ୍ରଦାନ କରାଯାଇଅଛି । ତେବେ ବୈଠକରେ ୱାର୍ଡ଼ୱାରୀ ୧୦ ଲକ୍ଷ ନା ଅଧିକ ଅବଗତ କରାଯାଉ ବୋଲି ଦାବି କରିଥିଲେ ।

**<u>ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ ନଂ-୦୪ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରାସନକାର୍ଡ଼ ସମ୍ବନ୍ଧରେ ଅନେକ ସଦସ୍ୟ/ସଦସ୍ୟାମାନଙ୍କ ପ୍ରତିକ୍ରିୟା ଉପରେ ମତାମତ ପ୍ରଦାନ କରି କହିଥିଲେ ଠିକ୍ ଭାବେ ଯାଂଚ କରାଯାଇନଥିବା କାରଣରୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ପୁନଃ ଯାଂଚ କରାଯିବା ସହିତ ନୂତନ ଆବେଦନ କରିବା ପାଇଁ ସୁଯୋଗ ଦେବାକୁ ଦାବି ଉପସ୍ଥାପନା କରିବା ସହ ଅନେକ ଲୋକ ଆବେଦନ କରି କାର୍ଡ଼ ପାଇନଥିବା କାରଣରୁ ସେମାନଙ୍କୁ ଆବେଦନର ସୁଯୋଗ ଦିଆଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ୩ଗୋଟି ମୁଖ୍ୟ ଶ୍ମଶାନ ଗୁଡ଼ିକରେ ଗ୍ୟାସ ଚୁଲା ସଂଯୋଗ କରାଯିବା ନିମନ୍ତେ ପରିଷଦ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା କେବଳ ଖାନନଗରରେ ଗ୍ୟାସ ଚୁଲା

ଅବସ୍ଥାପିତ କରାଯାଇଛି କିନ୍ତୁ କାଳିଆବୋଦା ଏବଂ ସତୀଚୌରା ଶ୍ମଶାନର ଉନ୍ନତି ତଥା ଗ୍ୟାସ ସଂଯୋଗ କାର୍ଯ୍ୟ ଚଳିତ କାଉନସିଲ ଅବଧି ମଧ୍ୟରେ  ହୋଇପାରିବ କି ନାହିଁ ତାହାକୁ ଗୃହରେ ଅବଗତ କରାଯାଉ ବୋଲି ଦାବି ଉପସ୍ଥାପନ କରିଥିଲେ ।

- ❖ ଦଶହରାକୁ ଦୃଷ୍ଟିରେ ରଖାଯାଇ ପ୍ରତ୍ୟେକ ଓ୍ୱାର୍ଡ଼କୁ ଅତିରିକ୍ତ ୩ ଜଣ ଲେଖାଏଁ କୁଲି ଯୋଗାଇଦେବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା କୁଲି ଯୋଗାଇ ଦିଆଗଲା ନାହିଁ । ତେଣୁ କାଳୀପୂଜା ଏବଂ ବାଲିଯାତ୍ରା ଉପଲକ୍ଷେ ୨୬ ଗୋଟି ତୁଠରେ କାର୍ତିକବ୍ରତ ପାଳନ କରାଯାଉଥିବାରୁ ଓ୍ୱାଡ଼ ସଫେଇ ସହିତ ତୁଠ ସଫେଇ ଆବଶ୍ୟକତା ଅଛି  । ତେଣୁ ଅତିରିକ୍ତ ୩ ଜଣ କୁଲି ଏକ ମାସ ପାଇଁ ଯୋଗାଇ ଦିଆଯିବା ନିମନ୍ତେ ଦାବି ଉପସ୍ଥାପନ କରିଥିଲେ ।
- ❖ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନିଗମରେ କାର୍ଯ୍ୟକାରୀ ହୋଇପାରିବ କି ନାହିଁ ତାହା ଗୃହରେ ଅବଗତ କରାଯାଉ  । ଯଦି କାର୍ଯ୍ୟକାରୀ କରାଯିବ ତାହାର ନିୟମ କ'ଣ ଏବଂ ଫର୍ମ କେଉଁଠାରେ ଉପଲବ୍ଧ ହେବ ଏ ବିଷୟରେ ଗୃହରେ ଅବଗତ କରାଯିବାକୁ ଦାବି ଉପସ୍ଥାପନ କରିଥିଲେ ।

**<u>ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, କର୍ପୋରେଟର, ଓ୍ୱାର୍ଡ଼ ନଂ-୪୮ :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ନିଗମ ଅଂଚଳରେ ଏନ୍‌ବିସିସି ଦ୍ୱାରା ୩୨ ଗୋଟି ଶୌଚାଳୟ ନିର୍ମାଣ କରାଯିବା ନିମନ୍ତେ ଚୁକ୍ତିପତ୍ର କରାଯାଇଥିଲେ ମଧ୍ୟ ୨୫ ଗୋଟି ସୁଲଭ ଶୌଚାଳୟ ନିର୍ମାଣ କରିଥିଲେ ମଧ୍ୟ ୭ ଗୋଟି ଶୌଚାଳାୟ ନିର୍ମାଣ କରିବ ନାହିଁ ବୋଲି ଲିଖିତ ଭାବେ ଜଣାଇଥିଲେ  । ତେଣୁ ଅବଶିଷ୍ଟ ୭ ଟି ଶୌଚାଳୟ ନିର୍ମାଣ କରାଯିବ କି ନାହିଁ ତାହାକୁ ଗୃହରେ ଅବଗତ କରାଯିବାକୁ ଦାବି ଉପସ୍ଥାପନ କରିଥିଲେ ।

**<u>ଶ୍ରୀଯୁକ୍ତା ଅନିତା ନାୟକ, କର୍ପୋରେଟର, ଓ୍ୱାର୍ଡ ନଂ-୨୨ :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଓ୍ୱାର୍ଡ଼ରେ ୧୦୦ରୁ ୩୦/୪୦ ଲାଇଟ ଜଳୁନାହିଁ । ବକ୍ସିବଜାର ଠାରୁ ତିନି କୋଣିଆ ବଗିଚା ପର୍ଯ୍ୟନ୍ତ ଏଲ୍‌ଇଡ଼ି ଲାଗିନାହିଁ, କେବେ ଲାଗିବ ବୋଲି ପ୍ରଶ୍ନ କରିଥିଲେ ।

**<u>ଶ୍ରୀଯୁକ୍ତ ହେମନ୍ତ ବେହେରା, କର୍ପୋରେଟର, ଓ୍ୱାର୍ଡ଼ ନଂ-୪୧ :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ,  ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି କିମ୍ବା ପରିଷଦ ବୈଠକରେ ଯାହା ଯାହା ପ୍ରସ୍ତାବ ଆଗତ ହେଉଅଛି ସେ ଗୁଡ଼ିକ କାର୍ଯ୍ୟକାରୀ କରାଯାଉନାହିଁ । ବୈଠକ ପରେ ଅଧିକାରୀ ଏବଂ ଯନ୍ତ୍ରୀ ମାନଙ୍କୁ ଡ଼କାଯାଇ ସମୀକ୍ଷା କରାଗଲେ ସମସ୍ୟାର ସମାଧାନ ହୋଇପାରନ୍ତା  । ଯନ୍ତ୍ରୀ ବିଭାଗର ବେପରୁଆ ମନୋଭାବ ପାଇଁ ଅନେକ ଜନହିତକର କାର୍ଯ୍ୟ ହୋଇପାରୁନାହିଁ । ଯେଉଁ ଯନ୍ତ୍ରୀମାନେ କାର୍ଯ୍ୟ କରୁନାହାଁନ୍ତି ସେମାନଙ୍କୁ ବଦଳି କରାଯାଇ ନୂଆ ଯନ୍ତ୍ରୀଙ୍କୁ ଅଣାଯାଉ  । ଯନ୍ତ୍ରୀ ବିଭାଗ ଉପରେ କଡ଼ା ନଜର ରଖାଗଲେ ନିଗମର ବହୁ କାର୍ଯ୍ୟ ହୋଇପାରିବ ଏବଂ ସୁନାମ ପାଇପାରିବା ବୋଲି ମତବ୍ୟକ୍ତ କରିଥିଲେ ।

**<u>ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା, କର୍ପୋରେଟର, ଓ୍ୱାର୍ଡ଼ ନଂ-୪୫ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ କାଳୀପୂଜା ପାଇଁ ୩୫ ଟି ମେଢ ପଦର୍ଶିତ ହେବ ତେଣୁ ଲାଇଟର ବ୍ୟବସ୍ଥା କରାଯିବା ସହ ପରିମଳ ଉପରେ ଧ୍ୟାନ ଦେବାକୁ ପ୍ରସ୍ତାବ ଦେଇଥିଲେ ।

❖ ରାସନ କାର୍ଡ଼ ବାଣ୍ଟିବାରେ ନିଗମର କିଛି ଭୂମିକା ନାହିଁ ନା କର୍ପୋରେଟର ମାନଙ୍କ ଭୂମିକା ନଗଣ୍ୟ ଯାହାକି ବିଧାୟକ ମାନେ କାର୍ଡ଼ ବାଣ୍ଟିବେ ବୋଲି କିଛି ନିୟମ ଅଛି ଜାଣିବାକୁ ଚାହିଁଥିଲେ ।

❖ ୱାର୍ଡ଼ ନଂ-୫୪ରେ ଡ୍ରେନ ସଫେଇ କରାଗଲାନାହିଁ, ଫଳରେ ହରିଜନ ସାହିରେ ପାଣି ଜମିଲା, ଲୋକମାନେ ରୋଷେଇବାସ କରିନପାରି ଅସୁବିଧା ଭୋଗ କଲେ, ଜିଲ୍ଲାପାଳ ପରିଦର୍ଶନରେ ଆସିଲେ ନାହିଁ । ୱାର୍ଡ଼ରେ ଅନେକ ମାଟି ରାସ୍ତା ଅଛି ଏବଂ ଡ୍ରେନ ଅନେକ ଅଂଚଳରେ ନାହିଁ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ନମିତା ବାରିକ, କର୍ପୋରେଟର, ୱାର୍ଡ଼ ନଂ-୦୮ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ୩ବର୍ଷ ହେଲା ମୁଖ୍ୟ ସମସ୍ୟା ଜଣ୍ଡିସ । ଜଗନ୍ନାଥ ଟାଙ୍କିରୁ ଅନବରତ ପାଣି ଝରୁଛି, ଉକ୍ତ ଟାଙ୍କିକୁ ମରାମତି କରାଯାଉ ନାହିଁ । ପାଣି ପାଇପ ପଏଣ୍ଟ ଗୁଡ଼ିକ ବର୍ଷାଦିନ ପରେ ସଫା କରାଯାଉନାହିଁ । ଫଳରେ ଜଣ୍ଡିସ ବ୍ୟାପିବାରେ ଲାଗିଛି । ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉବୋଲି ଦାବି ଉପସ୍ଥାପନ କରିଥିଲେ ।

**ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ, କର୍ପୋରେଟର, ୱାର୍ଡ଼ ନଂ-୩୮ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ର ପିଲିଗ୍ରୀମ ରୋଡ଼ସ୍ଥିତ ନବଗ୍ରହ ମନ୍ଦିର ସମ୍ମୁଖ ଭାଗରେ ଏକ ଶୌଚାଳୟ ନିର୍ମାଣ କରାଯିବା ପାଇଁ ଦାବି କରିଆସୁଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ସେହିପରି କଂଗ୍ରେସ କାର୍ଯ୍ୟାଳୟ ନିକଟରେ ଥିବା ଶୌଚାଳୟର ପୁର୍ନଉଦ୍ଧାର କରାଯିବା ସହିତ ମାଲଗୋଦାମ ସ୍ଥିତ ବେହେରା ସାହି ଶୌଚାଳୟ ପୁର୍ନରୁଦ୍ଧାର କାର୍ଯ୍ୟ କରାଯିବା ନିମନ୍ତେ ଲେବର ଏବଂ ରଡ଼ର ଦରବୃଦ୍ଧି ଯୋଗୁ ସଂଶୋଧିତ ଅଟକଳ ପ୍ରସ୍ତୁତ କରାଯାଇ ପୁନଃ ଟେଣ୍ଡର କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ଇତିଶ୍ରୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୦୨ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଏଲଇଡ଼ି ଯୋଜନାରେ ଦଶହରା ପୂର୍ବରୁ ସମସ୍ତ ଲାଇଟ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଫୋନ କଲେ ଫୋନ ଗ୍ରହଣ କରାଯାଉନାହିଁ । ସମଗ୍ର କଟକ ସହରରେ ଅର୍ଦ୍ଧାଧିକ ଲାଇଟ ଜଳିଲା ନାହିଁ ତାହାଠାରୁ ଦୁଃଖର କଥା କଣ ହୋଇପାରେ ବୋଲି ମତବ୍ୟକ୍ତ କରିଥିଲେ ।

❖ ରାସନ କାର୍ଡ଼ ସମସ୍ୟା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ ଯାଂଚ ସମୟରେ ସଠିକ ଭାବେ ଯାଂଚ କରାଯାଇନାହିଁ । ତେଣୁ ପୁନଃ ଯାଂଚ କରାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ଼ ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ଏବଂ କେଉଁ କାରଣରୁ ହିତାଧିକାରୀମାନେ ବାଦ୍ ପଡ଼ିଲେ ତାହାର ତାଲିକା କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ଦାବି ଉପସ୍ଥାପନ କରିଥିଲେ ।

**ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, କର୍ପୋରେଟର, ୱାର୍ଡ଼ ନଂ-୫୭ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ ନଂ-୫୭ ରେ ୧୦ ହଜାରଲୋକ ସଂଖ୍ୟାକୁ ଦୃଷ୍ଟିରେ ରଖାଯାଇ କୌଣସି ଖେଳ ପଡ଼ିଆ ନଥିବାରୁ ଅସ୍ଥାୟୀ ଖେଳ ପଡ଼ିଆ ସାଇ ମନ୍ଦିର ନିକଟରେ କରାଯିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ମା ତାରେଣୀ ବିଦ୍ୟାପୀଠ, ଗୋପାଳପୁର ପ୍ରାଥମିକ ବିଦ୍ୟାପୀଠ, ଶ୍ରୀ କୋରୁଆଁ, ବାଲିକୁଦା, ପାଇକ ସାହି ଆଦି ପ୍ରାଥିମକ ବିଦ୍ୟାଳୟର ପିଲାମାନେ ଉକ୍ତ ଖେଳ ପଡ଼ିଆରେ ପ୍ରତ୍ୟେକ ଖେଳାଖେଳି କରି ଆସୁଅଛନ୍ତି ଏବଂ ଉକ୍ତ ପଡ଼ିଆରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ଯୋଗଭ୍ୟାସ ମଧ୍ୟ କରିଆସୁଛନ୍ତି । ତେଣୁ ଉକ୍ତ ପଡ଼ିଆକୁ ନିଗମ ତରଫରୁ ସ୍ଥାନୀୟ ଖେଳ ପଡ଼ିଆ ଭାବେ ଘୋଷଣା କରାଯାଇ Development କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ନଂ-୫୬, ୫୭, ୫୮, ୫୯, ୪୮ ଏବଂ ୪୯ ଉକ୍ତ ୱାର୍ଡ଼ ଗୁଡ଼ିକରେ ବିଭିନ୍ନ Builders ମାନେ ପ୍ଲଟ ବିକ୍ରୟ କରି ଅସ୍ଥାୟୀ ରାସ୍ତା ନିଗମକୁ ହସ୍ତାନ୍ତର କରାନଯିବା ପର୍ଯ୍ୟନ୍ତ କୌଣସି Development କରାନଯାଉ ଏବଂ ଉକ୍ତ ଅଂଚଳର ରାସ୍ତା ଗୁଡ଼ିକ ନିଗମର ସର୍ଭେ ବିଭାଗ ଦ୍ୱାରା ଚିହ୍ନଟ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, ଅଧ୍ୟକ୍ଷ, ପ୍ରତିଷ୍ଠାନ ଷ୍ଟାଣ୍ଡିଙ୍ଗ କମିଟି :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଏଲ୍ଇଡ଼ି ଲାଇଟ କାର୍ଯ୍ୟ ଦଶହରା ପୁର୍ବରୁ କରାଗଲାନାହିଁ ଏବଂ କେଉଁ କାରଣ ପାଇଁ କାର୍ଯ୍ୟ ଦଶହରା ପୁର୍ବରୁ କରାଗଲା ନାହିଁ ତାହାର ଜବାବ ରଖାଯାଉ । ନୂତନ ଏଲ୍ଇଡ଼ି ଲାଗିବା ଯାହାକି ବିଳମ୍ବ କରାଯାଉଛି କିନ୍ତୁ ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦିଆଯାଉନାହିଁ । ତେଣୁ କାଳିପୂଜା ପୂର୍ବରୁ ସମସ୍ତ ଏଲ୍ଇଡ଼ିର ରକ୍ଷଣାବେକ୍ଷଣ କରାଯାଉ ବୋଲି ଦାବି ଉପସ୍ଥାପନ କରିଥିଲେ ।
- ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ଼ ସଠିକ ଭାବେ ଯାଂଚ କରାଯାଇନାହିଁ ।ତେଣୁ ପୁନଃ ଯାଂଚ କରାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ଼ ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଶ୍ରୀମତୀ ମୀନାକ୍ଷୀ ବେହେରା, ମେୟର, ଗୃହରେ ବିଭିନ୍ନ କର୍ପୋରେଟର ମାନଙ୍କର ଉଦ୍‌ବେଗ ଅନୁଯାୟୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ କରାଯିବ କିନ୍ତୁ ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶ ଆସିନାହିଁ ।ତେଣୁ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଆଲୋଚନା କରି ସଠିକ୍ ତଥ୍ୟ ପ୍ରଦାନ କରିବେ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ କର୍ପୋରେଟର ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଇ ସମସ୍ତ କର୍ପୋରେଟରମାନଙ୍କର ଏକ ଗ୍ରୁପ ଫଟୋ ଉଠାଯିବା ନିମନ୍ତେ ସହମତି ପ୍ରକାଶ କରିଥିଲେ । ରାସନକାର୍ଡ଼ ସମସ୍ୟା ନିମନ୍ତେ ଏକ ବୈଠକ କରାଯାଇ ସମାଧାନ କରାଯିବା ସହ ସହରରେ ଥିବା ଏଲିଡ଼ି ସମସ୍ୟାକୁ ମଧ୍ୟ ଯଥାଶିଘ୍ର ସମାଧାନ କରାଯିବାକୁ ଗୃହରେ ଅବଗତ କରିଥିଲେ । ସେହିପରି ଗୃହରେ କୌଣସି ଆକ୍ଷେପ ପ୍ରତିଆକ୍ଷେପ କରାନଯାଉ, ମୁଁ ମେୟର ହିସାବରେ ସମସ୍ତ କର୍ପୋରେମାନଙ୍କୁ ସମ୍ମାନ କରେ । ସଙ୍କିର୍ଣ୍ଣ ମନୋଭାବରୁ ଉର୍ଦ୍ଧରେ ରହି ପରସ୍ପର ମଧ୍ୟରେ ସଦ୍ଭାବ ସ୍ଥାନ ରହିବା ଜରୁରୀ ବୋଲି କହିଥିଲେ । ତେଣୁ ସଂଜମତା ଅବଲମ୍ବନ କରାଯିବା ନିମନ୍ତେ ଗୃହକୁ ଅନୁରୋଧ କରିଥିଲେ ।

ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକ, ଆୟୁକ୍ତ ସମସ୍ତ ସଦସ୍ୟ/ସଦସ୍ୟାଙ୍କ ପ୍ରଶ୍ନର ଉତର ଦେଇ କହିଥିଲେ, ଏଲ୍ଇଡ଼ି ଯୋଜନାରେ ସୋଡ଼ିୟମ ଭେପରରୁ ଏଲ୍ଇଡ଼ିକୁ ପରିବର୍ତନ କରାଯାଉଛି । ପ୍ରଥମ କିସ୍ତିରେ ୧୬ ହଜାର ଏଲ୍ଇଡ଼ି ଲଗାଯିବାର ଚୁକ୍ତିପତ୍ର ହୋଇଥିଲା, କିନ୍ତୁ ପରବର୍ତି ଅବସ୍ଥାରେ ୩୦

ହଜାର ଏଲ୍‌ଇଡ଼ି ବିନା ଚୁକ୍ତିପତ୍ରରେ ଲଗାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇ ବର୍ତମାନ ସୁଦ୍ଧା ୨୭ ହଜାରରୁ ଉର୍ଦ୍ଧ ଲାଇଟ ଲଗାଯାଇଥିବା ବେଳେ ଗତକାଲି ନିଭ୍ ଏନର୍ଜି ସହିତ ସରକାରୀସ୍ତରରେ ଏକ ବୈଠକ କରାଯାଇଥିଲା । ସେମାନେ ବର୍ତମାନ ସୁଦ୍ଧା Bill ପାଇପାରିନାହାଁନ୍ତି । ସେଥିପାଇଁ ଆଲୋଚନା କରାଯାଇ ନିଷ୍ପତି ଗ୍ରହଣ କରାଯାଇଛି ଯେ ଖୁବ୍‌ଶିଘ୍ର ଏଲ୍‌ଇଡ଼ି ଯୋଗାଇ ଦେବା ସହ ଡ଼ିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ ହେବ ଏଥି ପାଇଁ ନୂତନ ଚୁକ୍ତିପତ୍ର ଅନୁସାରେ ଯାହା କାର୍ଯ୍ୟ କରାଯିବ ସେହି ଅନୁସାରେ ବିଲ୍ ପରିଶୋଧ କରାଯିବ । ଉକ୍ତ ଯୋଜନାରେ ୩ଗୋଟି ସଂସ୍ଥା କାର୍ଯ୍ୟ କରୁଅଛନ୍ତି । ସେଥିପାଇଁ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି । ତେଣୁ ଯେଉଁ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ ହୋଇନାହିଁ ସେ ପର୍ଯ୍ୟନ୍ତ ମରାମତି ପଇସା ପ୍ରଦାନ କରାଯିବ ନାହିଁ ବୋଲି ସୂଚନା ପ୍ରଦାନ କରିଥିଲେ ।

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କୌଣସି ଉଦ୍‌ବେଗର କାରଣ ନାହିଁ । ଏହା ଏକ ସ୍ୱାଭାବିକ ପକ୍ରିୟା ପ୍ରତ୍ୟେକ ବର୍ଷ ଯୋଡ଼ାଯିବ ଏବଂ କଟାଯିବ । ଯେତିକି ହିତାଧିକାରୀ ଆବେଦନ କରିଥିଲେ ସେଥିମଧ୍ୟରୁ ଚୟନ ହୋଇଥିବା ୪୭୯ ଜଣଙ୍କର Suspect ରଖାଯାଇଛି । ଆଧାରକାର୍ଡ଼ ପ୍ରଦାନ କରିବା ପରେ ସେମାନେ ଯୋଗ୍ୟ ବିବେଚିତ ହୋଇ କାର୍ଡ଼ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ ।

କଟକ ମହାନଗର ନିଗମର ୨୦୧୧ ମସିହାରେ ୱାର୍ଡ଼ ସଂଖ୍ୟା ୫୪ ଥିବା ବେଳେ ୨୦୧୪ ମସିହାରେ ୫ ଗୋଟି ୱାର୍ଡ଼ ବୃଦ୍ଧି କରାଯାଇ ମୋଟ ୫୯ଟି ୱାର୍ଡ଼ ଗଠନ କରାଯାଇଥିଲା । ଜିଲ୍ଲାପାଳ ତଥା ନିର୍ବାଚନ କମିଶନରଙ୍କ ପ୍ରସ୍ତାବ ଅନୁଯାୟୀ ୨୦୨୧ ଜନଗଣନାକୁ ଦୃଷ୍ଟିରେ ରଖାଯାଇ ମହାନଗର ନିଗମର ୱାର୍ଡ଼ ସଂଖ୍ୟାକୁ ୨୦୧୪ ମସିହାରେ ୫୪ରୁ ୫୯କୁ ବୃଦ୍ଧି କରାଯାଇଥିବା ଦୃଷ୍ଟିରୁ ୱାର୍ଡ଼ ସଂଖ୍ୟା ବୃଦ୍ଧି କରାନଯାଇ ନିଗମର ଚର୍ତୁପାର୍ଶ୍ୱରେ ପରିସୀମା ବୃଦ୍ଧି କରାଯିବା ନିମନ୍ତେ ମତବ୍ୟକ୍ତ କରିଥିଲେ ।

ରାସନକାର୍ଡ଼ ସମସ୍ୟା ପାଇଁ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ଯେଉଁ ଯେଉଁ ସମସ୍ୟା ଅଛି ତାହାର ସମାଧାନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବିଷୟରେ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପତ୍ରାଳାପ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗୃହକୁ ଅବଗତ କରାଇଥିଲେ ।

**ପ୍ରସ୍ତାବ ନଂ-୧.** ଗତ ତା. ୨୬-୦୯-୨୦୧୮ରିଖ ସ୍ୱତନ୍ତ୍ର ଅଧିବେଶନର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା. ୨୬-୦୯-୨୦୧୮ରିଖ ସ୍ୱତନ୍ତ୍ର ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୨.** ଗତ ତା. ୨୮-୦୯-୨୦୧୮ରିଖ ୩୬ତମ ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ-୨ :** ଗତ ତା. ୨୮-୦୯-୨୦୧୮ରିଖ ୩୬ତମ ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୩.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୩.୧** ଗତ ୦୯.୧୦.୨୦୧୮ରିଖ ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୨** ଗତ ୧୦.୧୦.୨୦୧୮ରିଖ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୩** ଗତ ୧୧.୧୦.୨୦୧୮ରିଖ ଏଜୁକେଶନ,ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୪** ଗତ ୧୧.୧୦.୨୦୧୮ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୫** ଗତ ୨୭.୧୦.୨୦୧୮ରିଖ **ଟ୍ୟାକ୍ସେସେସନ, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଙ୍ଗ କମିଟି** ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୬** ଗତ ୨୭.୧୦.୨୦୧୮ରିଖ ପବ୍ଲିକ ଓ୍ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୭** ଗତ ତା. ୩୦.୧୦.୨୦୧୮ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୮** ଗତ ତା. ୩୦.୧୦.୨୦୧୮ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୯** ଗତ ତା. ୩୦.୧୦.୨୦୧୮ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.** ନିଗମର ବିଭିନ୍ନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ, ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ କରାଯାଇଥିବା ସୁପାରିଶ, କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଏବଂ ନିର୍ଦ୍ଦିଷ୍ଟ ଭାବେ ଆଗତ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ଅନୁମୋଦନ ସହିତ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ କରାଗଲା ।

୧. ଗତ ତା ୨୭.୧୦.୨୦୧୮ରିଖ ଟ୍ୟାକ୍ସେସେସନ ଫାଇନାନ୍ସ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ଆଧାରରେ ନିଗମର ସମସ୍ତ ପ୍ରକାର ଟିକସ ଅନ୍‌ଲାଇନ ମାଧ୍ୟମରେ ଆକ୍ସିସ ବ୍ୟାଙ୍କ, ଚୌଧୁରୀ ବଜାର ଶାଖା ଜରୀଆରେ ଆଦାୟ କରାଯିବା ନିମନ୍ତେ ସ୍ଥିର କରାଯାଇଥିବାରୁ, ଏହାକୁ କାର୍ଯ୍ୟକାରୀ କରାଯିବା ପୂର୍ବରୁ ଆକ୍ସିସ ବ୍ୟାଙ୍କ, ଚୌଧୁରୀ ବଜାର ଶାଖାରେ ନିଗମର ସଂଚୟ ଖାତା ଖୋଲାଯିବା ସହିତ, ଅନ୍‌ଲାଇନ ଟିକସ ବ୍ୟବସ୍ଥା ଆକ୍ସିସ ବ୍ୟାଙ୍କ ମାଧ୍ୟମରେ ନିଗମର ବିତ ଅଧିକାରୀଙ୍କ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା । ଅନ୍‌ଲାଇନ୍ ଟିକସ ଆଦାୟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖାଯାଇ ଆକ୍ସିସ୍ ବ୍ୟାଙ୍କ ସହିତ ନିଗମର ଚୁକ୍ତିପତ୍ର କରାଯିବାକୁ ସ୍ଥିର କରାଗଲା ।

୨. ନିଗମର ଗୃହ ଟିକସ ବିଭାଗରୁ ଆସିଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ, ନାରୀ ସେବା ସଦନ ଠାରୁ **Holding Tax on residential basis** ଅନୁଯାୟୀ ଆଦାୟ କରାଯିବାକୁ ସ୍ଥିର କରାଗଲା ।

୩. ନିଗମର ଗୃହ ଟିକସ ବିଭାଗରୁ ଆସିଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ, ସାରଳା ସାହିତ୍ୟ ସଂସଦ ଠାରୁ ହୋଲ୍‌ଡ଼ିଂ ଟିକସ ବାବଦରେ ଟ. ୧୮,୬୯୬/-ଟଙ୍କା ଆଦାୟ କରାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

**(ମୀନାକ୍ଷୀ ବେହେରା)**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଯୁଗ୍ମ କମିଶନର / ଡ଼େପୁଟି କମିଶନର-୧,୨ / ଡ଼େପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ